ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ଗୁରୁବାର ୪ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 4 JUNE 2020

Vol.No. 30 ■ No. 140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ଇସ୍ପାତ ନିର୍ମାଣକାରୀଙ୍କ ସହ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବୈଠକ

## ଭିଲାଇ ଇସ୍ପାତ କାରଖାନାରେ ଉତ୍ପାଦନ କ୍ଲଷ୍ଟର ନିର୍ମାଣ ପାଇଁ ରୋଡ ମ୍ୟାପ ଉପରେ ଆଲୋଚନା

ନୂଆଦିଲ୍ଲୀ,୩।୬ (ନି.ପ୍ର): ଭିଲାଇ ଇସ୍ପାତ କାରଖାନାରେ ଇସ୍ପାତ କ୍ଲଷ୍ଟରର ବିସ୍ତୃତ ଯୋଜନା ସମ୍ପର୍କରେ କେନ୍ଦ୍ର ଇସ୍ପାତ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ଜରିଆରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇସ୍ପାତ, ସଡକ ପରିବହନ ଓ ରାଜମାର୍ଗ ଏବଂ ରେଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଓ ସେଲ ତଥା ଭିଲାଇ ଇସ୍ପାତ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ । ଏହି ଇସ୍ପାତ କ୍ଲଷ୍ଟର ବିକଶିତ ହେଲେ ସମ୍ପୃକ୍ତ ଅଂଚଳର ଏମଏସଏମଇ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ମିଳିବା ସହ ଅଧିକ କର୍ମସଂସ୍ଥାନ ସୃଷ୍ଟି ହେବ ଓ ସ୍ଥାନୀୟ ଅର୍ଥନୀତି ସୁଦୃଢ ହୋଇପାରିବ ।



ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନର ଏକ ଅଂଶବିଶେଷ ଭାବେ ଏହା ମଧ୍ୟ କାର୍ଯ୍ୟ କରିବ । ଦୁର୍ଗ ଜିଲ୍ଲାରେ ଥିବା ଇସ୍ପାତ ଫେବ୍ରିକେଟରର ସମସ୍ତ ଆବଶ୍ୟକତା ପୂରଣ କରିବା ସହ ସେଥିରେ ଥିବା ସମସ୍ତ ବାଧାବିଘ୍ନକୁ ହଟାଇବା ପାଇଁ ଶ୍ରୀ ପ୍ରଧାନ ଭିଲାଇ ଇସ୍ପାତ କାରଖାନାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ସ୍ଥାନରେ ତିଆରି କରାଯାଉଥିବା ପୋଲ ଗୁଡିକରେ ରେଳ ବିଭାଗ ଭଳି କିଭଳି ଇସ୍ପାତର ଉପଯୋଗ ହୋଇପାରିବ ତା'ଉପରେ ଉପାୟମାନ ବାହାର କରିବା ନେଇ ବୈଠକରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ ।

# ମହାରାଷ୍ଟ୍ରର ଆଲିବାଗରେ ଲ୍ୟାଣ୍ଡଫଲ କଲା ବାତ୍ୟା ନିସର୍ଗ



ମୁମ୍ବାଇ,୩।୬ (ନି.ପ୍ର): ମହାବାତ୍ୟା 'ନିସର୍ଗ' ମହାରାଷ୍ଟ୍ରର ଆଲିବାଗ ନିକଟରେ ବୁଧବାର ଅପରାହ୍ଣରେ ଲ୍ୟାଣ୍ଡଫଲ୍ କରିଛି । ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ପ୍ରାୟ ୩ ଘଂଟା ଜାରି ରହିବ । ସେଠାରେ ଘଂଟାପ୍ରତି ୧୦୦ରୁ ୧୨୦ କି.ମି. ବେଗରେ ପବନ ବହୁଥିବା ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଦେଇଛନ୍ତି । 'ନିସର୍ଗ' ପ୍ରଭାବରେ ଆଲିବାଗ ଓ ମୁମ୍ବାଇରେ ମଧ୍ୟ ଜୋରରେ ପବନ ବହିବା ସହ ପ୍ରବଳ ବର୍ଷା ହେଉଛି । ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ମହାରାଷ୍ଟ୍ରର ଅନ୍ୟୂନ ସାତଟି ଉପକୂଳବର୍ତୀ ଜିଲ୍ଲା ନିମନ୍ତେ ଭାରତୀୟ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଥିଲା ।

# ଆସନ୍ତା ୯ରୁ ଆମେରିକା ଓ କାନାଡାକୁ ଉଡିବ ୭୫ଟି ବିମାନ



ନୂଆଦିଲ୍ଲୀ, ୦୩ ଜୁନ୍ (ହି.ସ.) - ମିଶନ ବନ୍ଦେ ଭାରତ ଅଧୀନରେ ଆସନ୍ତା ଜୁନ୍ ୯ ରୁ ୩୦ ପର୍ଯ୍ୟନ୍ତ ଆମେରିକା ଏବଂ କାନାଡାର କିଛି ଅଂଚଳକୁ ଭାରତରୁ ୭୫ ଟି ବିମାନ ଚଳାଚଳ କରିବ । ଏହି ବିମାନଗୁଡ଼ିକର ବୁକିଂ ଶୁକ୍ରବାର ସନ୍ଧ୍ୟା ୫ ରୁ କେବଳ ଏୟାର ଇଣ୍ଡିଆ ୱେବସାଇଟ୍ ମାଧ୍ୟମରେ କରାଯିବ । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ଯେ ମିଶନ ବନ୍ଦେ ଭାରତରେ ଅଧିକ ବିମାନ ଯୋଗ କରାଯାଉଛି ଏବଂ ଫସି ରହିଥିବା ଭାରତୀୟଙ୍କୁ ଘରକୁ ଫେରିବାରେ ସକ୍ଷମ ହୋଇଛି । ସେ କହିଛନ୍ତି ଯେ ଜୁନ୍ ୯ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଏହି ଯୋଜନାର ତୃତୀୟ ପର୍ଯ୍ୟାୟରେ ଏୟାର ଇଣ୍ଡିଆ ଆମେରିକା ଏବଂ କାନାଡାକୁ ୭୫ ଟି ବିମାନ ଚଳାଚଳ କରିବ । ନିରନ୍ତର ପରିସ୍ଥିତି ଉପରେ ନଜର ରଖାଯାଇଛି । ଥରେ ପରିସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିବା ପରେ ଆମେ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଆରମ୍ଭ କରିବାକୁ ବିଚାର କରିବୁ । ବନ୍ଦେ ଭାରତରେ ପ୍ରାୟ ୧୪ ଟି ଦେଶରୁ ଭାରତୀୟଙ୍କ ନିରାପଦ ପ୍ରତ୍ୟାବର୍ତନ କରିଛନ୍ତି । ପୁରୀ କହିଛନ୍ତି ଯେ ମଙ୍ଗଳବାର କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଘରୋଇ ଯାତ୍ରୀବାହୀ ବିମାନ ସଂଖ୍ୟା ୬୫୦ ଅତିକ୍ରମ କରିଛି ଏବଂ ୬୦ ହଜାରରୁ ଅଧିକ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳରେ ପହଂଚିଛନ୍ତି । ଘରୋଇ ବିମାନ ଚଳାଚଳ ଆରମ୍ଭ ହେବା ପରେ ଜୁନ୍ ୨ ରେ ୬୫୭ ବିମାନ କାର୍ଯ୍ୟକ୍ଷମ ହୋଇଥିଲା । ସେଥିରେ ୬୦,୦୮୫ ଲୋକ ଯାତ୍ରା କରିଥିଲେ । ଜୁନ୍ ୦୧ ରେ ୬୪,୬୫୧ ଯାତ୍ରୀ ସର୍ବାଧିକ ୬୯୨ ବିମାନରେ ନିଜ ଗନ୍ତବ୍ୟ ସ୍ଥଳରେ ପହଂଚିଥିଲେ । ସୂଚନାଯୋଗ୍ୟ ଯେ କୋଭିଡ -୧୯ ମହାମାରୀର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ୨୫ ମାର୍ଚ୍ଚରୁ ଦେଶରେ ଘରୋଇ ବିମାନ ଚଳାଚଳ ବନ୍ଦ କରିଦେଇଥିଲେ । ମାର୍ଚ୍ଚ ୨୨ ତାରିଖରୁ ଅନ୍ତର୍ଜାତୀୟ ବିମାନ ବନ୍ଦ ରହିଛି । ନୂତନ ନିର୍ଦ୍ଦେଶାବଳୀ ସହିତ ମେ ୨୫ ରୁ ଘରୋଇ ଯାତ୍ରୀବାହୀ ବିମାନର ଏକ ତୃତୀୟାଂଶ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି ।

## ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି

# ଆସନ୍ତା ୮ରେ ଭର୍ଚୁଆଲ ରାଲି ମାଧ୍ୟମରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ ଅମିତ ଶାହା

ଭୁବନେଶ୍ୱର,୩।୬ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୮ ତାରିଖ ଅପରାହ୍ନ ୩ଟା ୩୦ରେ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଓଡିଶାର ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ରାଜ୍ୟର ସମସ୍ତ ବିଜେପି କାର୍ଯ୍ୟକର୍ତାଙ୍କ ସମେତ ରାଜ୍ୟବାସୀମାନେ ଭିଡିଓ ଲିଙ୍କ ମାଧ୍ୟମରେ ଏହି ଭର୍ଚୁଆଲ ରାଲିରେ ସାମିଲ ହୋଇ ପାରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ,ଆଗାମୀ ଦିନରେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ଜିଲ୍ଲାରେ ଭର୍ଚୁଆଲ ରାଲି କାର୍ଯ୍ୟକ୍ରମ କରାଯିବ । ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର କରି ପ୍ରଦେଶର କାର୍ଯ୍ୟକର୍ତାମାନେ ଏକାଠି ହେଉଛନ୍ତି । ଭର୍ଚୁଆଲ ରାଲିରେ ଲକ୍ଷାଧିକ ଲୋକ



ଯୋଡିହେବାର ବ୍ୟବସ୍ଥା କରାଯାଇଛି । ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ଭର୍ଚୁଆଲ୍ ରାଲି ପାଇଁ ରାଜ୍ୟ ସାଧାରଣ ସଂପାଦକ ରଂଜନ ପଟେଲ ଓ ରାଜ୍ୟ ସଂପାଦକ କାଳନ୍ଦୀ ସାମଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ମୋଦିଙ୍କ ଫୋକସରେ ରହିଛି ପୂର୍ବ ଭାରତର ବିକାଶ । ପୂର୍ବ ଭାରତର ବିକାଶର ରୋଡମ୍ୟାପର କେନ୍ଦ୍ରରେ ଓଡିଶା ରହିଛି । ମୋଦି ସରକାର ବିଭିନ୍ନ କ୍ଷେତ୍ରରେ ଓଡିଶା ଏବଂ ଓଡିଆ ଭାଇ ଭଉଣୀମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ବିଗତ ୧ ବର୍ଷରେ ଓଡିଆଙ୍କ ବିକାଶ, ସମ୍ମାନ, ଦୁର୍ବିପାକ ମୁକାବିଲାରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ । କରୋନା ମହାମାରିରେ ପ୍ରଭାବିତ ହୋଇଥିବା ଅର୍ଥନୀତିକୁ ସୁଧାରିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଛନ୍ତି । ଏହି ଯୋଜନାରେ ଓଡିଶା ପାଇଁ ଅନେକ ସୁଯୋଗ ଅଛି । କୃଷି କ୍ଷେତ୍ର ପାଇଁ କେନ୍ଦ୍ର ସରକାର ଯେଉଁ ପ୍ୟାକେଜ୍ ଘୋଷଣା କରିଛନ୍ତି ଏହା ସମଗ୍ର ଦେଶ ସହିତ ଓଡିଆ ଚାଷୀଙ୍କର ମେରୁଦଣ୍ଡକୁ ମଜବୁତ୍ କରିବ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଉପସ୍ଥିତ ଥିଲେ ।

# ସୁସ୍ଥ ହେଲେ ୯୧ କରୋନା ପଜିଟିଭ୍

ଭୁବନେଶ୍ୱର,୩।୬ (ନି.ପ୍ର): ବୁଧବାର ଦିନ ରାଜ୍ୟରେ ଆଉ ୯୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୬ ଜିଲ୍ଲାରୁ ୯୧ ଜଣ ସୁସ୍ଥ ହେବା ପରେ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ୧୪୧୬ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ ବୁଧବାର ଦେବଗଡ଼ ଜିଲ୍ଲାରୁ ସର୍ବାଧିକ ୨୨ ଜଣ କରୋନା ପଜିଟିଭ୍ ସୁସ୍ଥ ହୋଇଛନ୍ତି । ସେହିଭଳି ପୁରୀ ଜିଲ୍ଲାରୁ ୧୬ ଜଣ, ନୟାଗଡ଼ ଜିଲ୍ଲାରୁ ୧୫ ଜଣ, ବଲାଙ୍ଗୀର ଜିଲ୍ଲାରୁ ୯ ଜଣ, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲାରୁ ୫ ଜଣ ଲେଖାଏଁ, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ଲେଖାଏଁ , କଟକ, ଗଂଜାମ, ଖୋର୍ଦ୍ଧା, କଳାହାଣ୍ଡି ଓ ବରଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ ଏବଂ ଢେଙ୍କାନାଳ, ଗଜପତି ଓ ଯାଜପୁର ଜିଲ୍ଲାରୁ ଜଣେ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି ।

# ୨୪ ଘଂଟାରେ ୩୩ ମାମଲା ରୁଜୁ

ଭୁବନେଶ୍ୱର,୩।୬ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜୁନ୍ ୨ରୁ ଜୁନ୍ ୩ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୩୩ଟି ମାମଲା ଦାୟର କରାଯାଇଛି । ଏଥି ମଧ୍ୟରୁ ୩୧ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୨ଟି ମାମଲା ହୋମ୍ କ୍ୱାରାଂଟାଇନ୍ ପାଇଁ ଅଟେ । ବିଭିନ୍ନ ଅଭିଯୋଗରେ ୩୫ ଜଣଙ୍କୁ ଗିରଫ କରାଯାଇଛି ।

# ଅମ୍ଫନ୍ କ୍ଷୟକ୍ଷତି ଆକଳନ ପାଇଁ ଭୁବନେଶ୍ୱରରେ ପହଂଚିଲେ ୭ ଜଣିଆ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୩।୬ (ନି.ପ୍ର): ମହାବାତ୍ୟା ଅମ୍ଫନରେ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ମାନଙ୍କର କ୍ଷୟକ୍ଷତି ଆକଳନ କରିବା ପାଇଁ ଆଜି କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱର ଆସି ପହଂଚିଛନ୍ତି । ଗୃହ ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ଶ୍ରୀ ପ୍ରକାଶଙ୍କ ନେତୃତ୍ୱରେ ଏହି ଟିମ୍ ଆସିଛି । ଏଥିପୂର୍ବରୁ ଦୁଇ ଜଣ ମଧ୍ୟ ଆସି ସାରିଛନ୍ତି । କ୍ଷତିଗ୍ରସ୍ତ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଂଚଳ ଗସ୍ତରେ ଯିବେ । ସେଠାରୁ ଫେରିବା ପରେ ପଅରଦିନ ଲୋକସେବା ଭବନରେ ରାଜ୍ୟ ସରକାରୀ ପଦାଧିକାରୀ ମାନଙ୍କ ସହିତ ଆଲୋଚନା କରିବେ । ଏହା ପରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

# ପୁରା ଓଡିଶାକୁ ବ୍ୟାପିଲା କରୋନା




ଭୁବନେଶ୍ୱର,୩।୬ (ନି.ପ୍ର):ରାଜ୍ୟର ସମସ୍ତ ୩୦ ଜିଲ୍ଲାକୁ ଛୁଇଁଛି କରୋନା । ଏକ ମାତ୍ର ଜିଲ୍ଲା ଭାବେ ସଂକ୍ରମିତ ହୋଇନଥିବା ରାୟଗଡ଼ା ଜିଲ୍ଲାରେ ବୁଧବାର ଦିନ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସମଗ୍ର ଓଡିଶାକୁ ବ୍ୟାପିଛି ଏହି ଭୂତାଣୁ । ରାୟଗଡାରୁ ଚିହ୍ନଟ ପଜିଟିଭ ଜଣକ ଦିଲ୍ଲୀରୁ ଫେରିଥିଲେ । ତାଙ୍କୁ କ୍ୱାରେଂଟିନରେ ରଖାଯାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟଯେ ବୁଧବାର ଦିନ ରାଜ୍ୟରେ ୧୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ୧୩୨ ଜଣ କ୍ୱାରେଂଟାଇନ୍ ସେଂଟରରେ ରହିଥିବ ବେଳେ ଲୋକାଲ୍ କେସ୍ ୧୧ ରହିଛି । ଏହାକୁ ମିଶାଇ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨,୩୮୮କୁ ଛୁଇଁଛି । ଆକ୍ରାନ୍ତଙ୍କ ମଧ୍ୟରୁ ୧,୦୫୪ ଜଣ ଚିକିତ୍ସାଧୀନ ଥିବାବେଳେ ୧,୩୨୫ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ୭ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଆଉ ୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ କରୋନା ଯୋଗୁ ସେମାନଙ୍କର ମୃତ୍ୟୁ ଘଟି ନ ଥିବା ସୂଚନା ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭୁବନେଶ୍ୱର/ଜଗତସିଂହପୁର,୩।୬ (ନି.ପ୍ର): ଜଗତସିଂହପୁର ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପଯର୍ୟ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇ ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଲେ ଯେ, ମହାନଦୀ ଓ କାଠଯୋଡ଼ି ମଧ୍ୟଭାଗରେ ଜଗତସିଂହପୁର ଜିଲ୍ଲା ଅବସ୍ଥିତ । ବନ୍ୟା ହେଲେ ଏ ଜିଲ୍ଲାର ଅଧିକାଂଶ ଅଂଚଳ ଜଳମଗ୍ନ ହୋଇଯାଏ । ଜିଲ୍ଲା ପାଇଁ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ବନ୍ୟା ସମୟରେ ଅନେକ ପାଟଜମି ବୁଡ଼ିଯାଏ ଓ ଚାଷ ବିପର୍ଯ୍ୟସ୍ତ ହୁଏ । ତେଣୁ ଚାଷଜମିରୁ ପାଣି ନିଷ୍କାସନ କରିବା ପାଇଁ ଏବଂ ଅଟକି ଥିବା ଡ୍ରେନେଜ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଡ୍ରେନେଜ୍ ନିର୍ମାଣ ଓ କୃଷି ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ବୈଠକ ଡକାଇ ଆଶୁ ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ସମସ୍ତଙ୍କ ସଂଘବଦ୍ଧ କାର୍ଯ୍ୟ ଯୋଗୁଁ କୋଭିଡ୍-୧୯ର ସଫଳ ମୁକାବିଲା କରାଯାଇଛି ଏବଂ ଏକ ବଡ଼ ଦୁର୍ବିପାକରୁ ଜିଲ୍ଲା ବର୍ତିବାକୁ ଯାଉଛି । ଏହି ବୈଠକରେ ଯୋଗଦେଇ ଜଗତସିଂହପୁରର ବିଧାୟକ ତଥା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି କହିଲେ ଯେ ଜଗତସିଂହପୁର ଜିଲ୍ଲା ପାଇଁ ଡ୍ରେନେଜ୍ ଏକ ମୁଖ୍ୟ ସମସ୍ୟା । ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାରେ ଥିବା ସମସ୍ତ ଡ୍ରେନେଜ୍ ସଫା କରାଯିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଯୋଗଦେଇ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ କହିଲେ ୨୨ ମୌଜା ଏକ ତଳିଆ ଅଂଚଳ ହୋଇଥିବାରୁ ଏ ଅଂଚଳରେ ଥିବା ଚାଷଜମିରୁ ପାଣି ନିଷ୍କାସନ ପାଇଁ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରାଯାଉ । ଚାଷୀ ଓ ଚାଷକୁ ଗୁରୁତ୍ୱ ଦିଆଯାଉ ଏବଂ ହଂସୁଆ ଡ୍ରେନେଜ୍‌ର ବାକିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଯୋଗଦେଇ ପରାଦ୍ୱୀପର ବିଧାୟକ ଶ୍ରୀ ସଂବିତ୍ ରାଉତରାୟ କହିଲେ ଯେ ଜିଲ୍ଲାପାଳଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ପାରାଦ୍ୱୀପ ଶିଳ୍ପାଂଚଳରେ କୋଭିଡ୍-୧୯ର ସଫଳ ମୁକାବିଲା କରାଯାଇପାରିଛି । ସାଇଲୋଠାରେ ଏଲ୍.ଆଇ ଅଫିସ୍ ଖୋଲିବା ଏବଂ ତାରିକୁଦ ନୋଳିଆ ବସ୍ତିରେ ବିଦ୍ୟୁତ ସରବରାହକୁ ସୁଗମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ ଯେ ଅମ୍ଫାନ ବାତ୍ୟା ପାଇଁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା, ବନ୍ୟା ପୂର୍ବରୁ ସେହିଭଳି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ବନ୍ୟା ସମୟରେ ଲୋକମାନଙ୍କୁ ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ବିଦ୍ୟୁତ ସରବରାହକୁ ସୁଗମ କରିବା, ବିଭିନ୍ନ ବ୍ଲକ୍‌ରେ ଖାଦ୍ୟ ପଦାର୍ଥ ମହଜୁଦ୍ ରଖିବା, ସମ୍ବେଦନଶୀଳ ଅଂଚଳକୁ ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଫ୍‌କୁ ପଠାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜୁନ୍ ମାସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସମୟରେ ବାହାର ରାଜ୍ୟରୁ ଅନେକ ଲୋକ ଆସିବେ । ତେଣୁ ସମସ୍ତେ ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିପାରିଲେ ମହାମାରୀ କରୋନାର ସଫଳ ମୁକାବିଲା କରାଯାଇ ପାରିବ । ବର୍ତମାନ ସବୁ ଅଫିସ୍‌ରେ ୨୪ ଘଂଟିଆ । କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ଅଛି ।

# ଘରର ପାଚେରୀ ପାଇଁ ପ୍ରାଧାନମନ୍ତ୍ରୀ ରାସ୍ତା ତାଡିଦେଲେ, ସାଧାରଣରେ ତୀବ୍ର ଅସନ୍ତୋଷ

## ଯନ୍ତ୍ରୀଙ୍କ ଘଟଣାସ୍ଥଳ ପରିଦର୍ଶନ : କାମ ବନ୍ଦ ପାଇଁ ତାଗିଦ୍

ନିମାପଡା,୩/୬ (ନି.ପ୍ର): ସମୂହ ସ୍ୱାର୍ଥକୁ ଭୁଲିଯାଇ ନିଜ ସ୍ୱାର୍ଥ ପାଇଁ ନିମାପଡା ବ୍ଲକ ଅନ୍ତର୍ଗତ ଗଡପଦନ ପୁର ପଂଚାୟତର ମେଳକ ଗ୍ରାମ ଠାରେ ଜନୈକ ବ୍ୟକ୍ତି ନିଜ ଘରର ପାଚେରୀ କରିବ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାକୁ ତାଡି ଦେବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ରାସ୍ତା ତଡା ହୋଇଥିବା ଦେଖିବା ପରେ ରାସ୍ତା ତାଡି ଥିବା ବ୍ୟକ୍ତିଙ୍କୁ ପାଚେରୀ ନିର୍ମାଣ ନକରିବା ପାଇଁ ତାଗିଦ୍ କରିଛନ୍ତି । ଏହା ଛଡା ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଘଟଣାରୁ ପକାଶ ଯେ, ଗତ ୪ବର୍ଷ ତଳେ ଭାଣପୁର – ତୋରିହଁବନ୍ଧ ଆରଡି ରାସ୍ତା ସହିତ ନିମାପଡା - ପିପିଲି ମୁଖ୍ୟ ରାସ୍ତାକୁ ରେଂଚ ଛକ ଠାରେ ସଂଯୋଗ କରୁଥିବା ଏହି ଏହି ରାସ୍ତାଟି ମେଳକ, ବାଙ୍ଗୁରଷ, ଗଡପଦନ ପୁର ଦେଇ ଯାଇଛି । ତେବେ ମେଳକ ଠାରେ ଏହି ରାସ୍ତା ପାର୍ଶ୍ୱରେ ଜନୈକ ବ୍ୟକ୍ତି ଏକ ନୂତନ ଗୃହ ନିର୍ମାଣ କରିଛନ୍ତି । ଗତକାଲି ରାତିରେ ନିଜ ଘରର ସୁରକ୍ଷା ନିମନ୍ତେ ଏକ ପାଚେରୀ କରିବା ପାଇଁ ସେ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଜେସିବି ମେସିନ ସାହାଯ୍ୟରେ ତାଡି ଦେଇଛନ୍ତି । ଯାହା ଫଳରେ ରାସ୍ତାଟି ଅତି ସଂକୀର୍ଣ୍ଣ ହୋଇଯାଇଛି । ବଡ ବଡ ଯାନବାହନ ଏହି ସ୍ଥାନରେ ଯିବା ସମ୍ଭବ ନୁହେଁ । ସବୁଠାରୁ ବଡକଥା ହେଲା ଏହି ସ୍ଥାନରେ ରାସ୍ତାଟି ମୋଡ ରହୁଥିବାରୁ ଯଦି ଏଠାରେ ପାଚେରୀ କରାଯାଏ ଉଭୟ ପାର୍ଶ୍ୱରେ ଆସୁଥିବା ଯାନ ବାହନ କେହି କାହାରିକୁ ଦେଖି ପାରିବେନି । ଫଳରେ ଦୁର୍ଘଟଣାର ସମ୍ଭାବନା ଅଧିକ ରହିଛି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ରାସ୍ତା ତଡା ଯିବା ନେଇ ସେ ଖବର ପାଇ ଆଜି ଘଟଣାସ୍ଥଳକୁ ଆସି ଦେଖିବା ପରେ କାମ ବନ୍ଦ କରିବା ପାଇଁ କହିଛନ୍ତି । ଏଥିସହିତ ଉଚ୍ଚ ଅଧିକାରୀଙ୍କୁ ଏନେଇ ଅବଗତ କରିଛନ୍ତି । ରାସ୍ତାଟି ତାଡି ଦେବାରୁ ସେହି ସ୍ଥାନଟି ଦୁର୍ବଳ ହୋଇଯାଇଛି । ଆବଶ୍ୟକ ଅନୁଯାୟୀ ଉକ୍ତ ବ୍ୟକ୍ତିଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

### ତେଲେଙ୍ଗାନା ସ୍ଥାପନା ଦିବସରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩/୬ (ନି.ପ୍ର): ତେଲେଙ୍ଗାନା ସ୍ଥାପନା ଦିବସରେ ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭକାମନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ତେଲେଙ୍ଗାନାର ଲୋକ ମାନେ ସବୁ କ୍ଷେତ୍ରରେ ଖୁବ ଭଲ କାମ କରୁଛନ୍ତି ଓ ଦେଶକୁ ଆଗକୁ ନେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଲେଙ୍ଗାନାବାସୀଙ୍କ ସେ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ।

# ବାହାରିନରେ ଅଟକି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର,୩/୬ (ନି.ପ୍ର): ବିଶ୍ୱବ୍ୟାପୀ କୋଭିଡ୍-୧୯ ସଂକ୍ରମଣ ଯୋଗୁଁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ରୋଜଗାର ହରାଇ ବାହାରିନଠାରେ ଅଟକି ରହିଛନ୍ତି । ଏମାନଙ୍କ ବ୍ୟତୀତ ଅନେକ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶିଶୁମାନେ ମଧ୍ୟ ବାହାରିନ୍‌ରେ ଅଟକି ରହିଛନ୍ତି, ଯେଉଁମାନେ ଶୀଘ୍ର ଓଡ଼ିଶା ଫେରବା ପାଇଁ ଆଗ୍ରହୀ । ଏହି ପ୍ରବାସୀ ଓଡ଼ିଆମାନେ ନିଜ ରାଜ୍ୟ ଓଡ଼ିଶାକୁ ଫେରିବା ନିମନ୍ତେ ପ୍ରୋଟୋକଲ ଅନୁଯାୟୀ ବନ୍ଦେ ଭାରତ ମିଶନରେ ସେମାନଙ୍କର ନାମ ପଂଜୀକରଣ କରିଥିଲେ ହେଁ ଏ ପର୍ଯ୍ୟନ୍ତ ଓଡ଼ିଶା ଫେରି ପାରୁନାହାନ୍ତି । ଗତ ୩୦ ତାରିଖରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୮ଟି ଦେଶର ପ୍ରବାସୀ ଓଡ଼ିଆଙ୍କ ସହିତ ଜୁମ୍ ଆପ୍ ଯୋଗେ ଆଲୋଚନା କରିଥିବା ବେଳେ ବାହାରିନ୍‌ଠାରେ ଅଟକି ରହିଥିବା ପ୍ରବାସୀ ଓଡ଼ିଆ ସେମାନଙ୍କ ଫେରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷର ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଏ ଦିଗରେ ହସ୍ତକ୍ଷେପ କରି ପ୍ରବାସୀ ଓଡ଼ିଆମାନଙ୍କୁ ସୁବିଧାରେ ଫେରାଇ ଆଣିବା ନିମନ୍ତେ ଅନୁରୋଧ କରିଛନ୍ତି । ବାହାରିନ୍‌ରୁ ଭାରତ ବହୁ କମ୍ ସଂଖ୍ୟକ ବିମାନ ସେବା ଚଳାଚଳ କରୁଥିବାରୁ ଭାରତୀୟମାନଙ୍କୁ ଫେରାଇ ଆଣିବାରେ ବିଳମ୍ବ ହେଉଛି ବୋଲି ବାହାରିନ୍ ଓଡ଼ିଆ ସମାଜ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ମନ୍ତ୍ରାଳୟରେ ଓଡ଼ିଶା ଦାୟିତ୍ୱରେ ଥିବା ନୋଡ଼ାଲ ଅଧିକାରୀ ରାହୁଲ ଶ୍ରୀବାସ୍ତବଙ୍କୁ ମଧ୍ୟ ପତ୍ର ଲେଖି ଏ ଦିଗରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ପ୍ରବାସୀ ଓଡ଼ିଆଙ୍କ ପାଇଁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଯାତ୍ରା କିମ୍ବା ଭୁବନେଶ୍ୱର ସହ ସଂଯୋଗ କରୁଥିବା ବିମାନସେବା ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶ୍ରୀବାସ୍ତବଙ୍କୁ ଅନୁରୋଧ କରିଛନ୍ତି ।

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୩/୬ (ନି.ପ୍ର): ଗତକାଲି କଷ୍ଟ ଆଣ୍ଡ ପ୍ରାଇସିଙ୍ଗ୍ କମିଟି ଫର ଏଗ୍ରିକଲଚର ର ପରାମର୍ଶ ଅନୁଯାୟୀ ଧାନର କ୍ୱିଂଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟକୁ ୧୮୧୫ ଟଙ୍କାରୁ ୧୮୬୮ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ଗୋଟିଏ କ୍ୱିଂଟାଲ୍ ଖରିଫ୍ ଧାନ ଉତ୍ପାଦନ କରିବା ପାଇଁ ହାରାହାରି ୧୯୪୪ ଟଙ୍କା ଖର୍ଚ୍ଚ ହୁଏ । ଏନେଇ ବିଧାନସଭାର ସର୍ବଦଳୀୟ କମିଟି ଧାନର ସର୍ବନିମ୍ନ କ୍ୱିଂଟାଲ୍ ପିଛା ଦର ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ତାହା ଏପର୍ଯ୍ୟନ୍ତ ସମ୍ଭବପର ହୋଇପାରିନାହିଁ । ତେଣୁ ଧାନବହୁଳ ରାଜ୍ୟର ଉତ୍ପାଦନ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଧାନର ସହାୟକ ମୂଲ୍ୟର ସଠିକ୍ ନିର୍ଦ୍ଧାରଣ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟି ପକ୍ଷରୁ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଧାନ ଏମ୍.ଏସ୍.ପି. କ୍ୱିଂଟାଲ୍ ପିଛା ୨୯୩୦ ଟଙ୍କା ଦାବି କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାଂସଦମାନଙ୍କୁ ଆଗାମୀ ସଂସଦର ଅଧିବେଶନ ସମୟରେ ଉପସ୍ଥାପିତ କରିବା ପାଇଁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି । ପାର୍ଲାମେଂଟ ଅଧିବେଶନ ପୂର୍ବରୁ ବିଜେଡ଼ି ସଂସଦୀୟ ଦଳ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବା ପାଇଁ ଦୃଢ ଭାବେ ସ୍ୱର ଉତୋଳନ କରିବାକୁ ସେ ରାଜ୍ୟର ସାଂସଦମାନଙ୍କୁ ଅନୁରୋଧ କରିଛନ୍ତି ।

### ବିଶିଷ୍ଟ ନୃତତ୍ତ୍ୱବିତ ଡ଼. ଲକ୍ଷ୍ମଣ କୁମାର ମହାପାତ୍ରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩/୬ (ନି.ପ୍ର): ବିଶିଷ୍ଟ ନୃତତ୍ତ୍ୱବିତ ଡ଼. ଲକ୍ଷ୍ମଣ କୁମାର ମହାପାତ୍ରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବିଶିଷ୍ଟ ନୃତତ୍ତ୍ୱବିତ ଡ଼. ଲକ୍ଷ୍ମଣ କୁମାର ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ନୃତତ୍ତ୍ୱ ଏବଂ ସମାଜବିଜ୍ଞାନ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ସେ କହିଛନ୍ତି ।

# ଭୁବନେଶ୍ୱର ମଧ୍ୟମ ଯୁବ କଂଗ୍ରେସ ପକ୍ଷରୁ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୩/୬ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ଭୁବନେଶ୍ୱର ମଧ୍ୟମ ଯୁବ କଂଗ୍ରେସ ପକ୍ଷରୁ ସଭାପତି ସଂକୁନା କହଁରଙ୍କ ନେତୃତ୍ୱରେ କଂଗ୍ରେସ ଭବନ ସମ୍ମୁଖରେ ଏକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ସେବା କେନ୍ଦ୍ରକୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସଂକୁନା କହଁରଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଏହିଭଳି କାର୍ଯ୍ୟକ୍ରମ କରିବାକୁ ଯୁବକମାନଙ୍କ ଆହ୍ୱାନ କରିଥିଲେ । ଏହି ଅବସରରେ ଶ୍ରୀ ରାଉତରାୟ ଆଜି କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନଙ୍କୁ ଖାଦ୍ୟ ସହ ମାସ୍କ ଓ ସାନିଟାଇଜର ବଂଟନ କରିଥିଲେ । ପ୍ରକାଶଥାଉକି ଶ୍ରୀ କହଁର ଲକ୍ ଡାଉନ୍‌ର ପ୍ରଥମ ଦିନରେ ଦୀର୍ଘ ଅଢ଼େଇ ମାସ ଧରି ଗରିବ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ଅତ୍ୟାବଶକୀୟ ଶୃଙ୍ଖଳା ଖାଦ୍ୟ ପ୍ରଭୃତି ନିରବଚ୍ଛିନ୍ନ ଭାବେ ବଂଟନ କରି ଚାଲିଛନ୍ତି । ଆଗକୁ ଏହିପରି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଶ୍ରୀ କହଁର ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଦୀପକ ମହାପାତ୍ର, ଲିଙ୍ଗରାଜ ସାହୁ, ମାନସ ଆଚାର୍ଯ୍ୟ, ମୁନି ଥାପା, ମୁନା ରାଓ, ଖଗେଶ୍ୱର ମଲ୍ଲିକ, ସନ୍ତୋଷ ସେଠୀ, ରାଜକିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲାର ୧୦,୮୧୪ ଜଣ ପ୍ରବାସୀ ଶ୍ରମିକ କ୍ୱାରେନାଇନ ଅବଧି ଶେଷ କରି ଘରକୁ ପ୍ରତ୍ୟାବର୍ତ୍ତନ

ନୂଆପଡା,୩/୬ (ନି.ପ୍ର): ନୂଆପଡା ଜିଲାର ୫ ଗୋଟି ବ୍ଲକ ଏବଂ ୩ ଗୋଟି ବିଜ୍ଞାପିତ ଅ ଳ ପରିଷଦର ୧୦,୮୧୪ ଜଣ ଶ୍ରମିକ ପ୍ରବାସୀ ଶ୍ରମିକ ଜିଲାର ବିଭିନ୍ନ କ୍ୱାରେନଟାଇନ କେନ୍ଦ୍ର ଅବଧି ଶେଷ କରି ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାର ୨୫୭ ଗୋଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯,୨୩୯ ଜଣ ପ୍ରବାସୀ ଶ୍ରମିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦,୮୧୪ ଜଣ ଶ୍ରମିକଙ୍କ କ୍ୱାରେନଟାଇନ ଅବଧି ଶେଷ ହୋଇଅଛି । ବୋଡେନ ବ୍ଲକରୁ ୧୫୧୧, ଖଡିଆଳ ବ୍ଲକରୁ ୨୪୫୪, କୋମନା ବ୍ଲକରୁ ୩୦୯୭, ନୂଆପଡା ବ୍ଲକରୁ ୪୨୯, ସିନାପାଲି ବ୍ଲକରୁ ୩୨୦୯ ଏବଂ ନୂଆପଡା ଏନଏସିରୁ ୩୩, ଖରିଆର ରୋଡ ଏନଏସିରୁ ୮ ଏବଂ ଖଡିଆଳ ଏନଏସିରୁ ୭୩ ଜଣ ପ୍ରବାସୀ ଶ୍ରମିକ ଘରକୁ ଫେରିଛନ୍ତି ।

# ଜୁନ୍ ୩୦ ତାରିଖ ଯାଏ ଲକ୍ ଡାଉନ ନେଇ ଅଫିସିଆଲ ଅର୍ଡ଼ର କଲେ ଗଜପତି ଜିଲ୍ଲାପାଳ

ପାରଳାଖେମୁଣ୍ଡି,୩/୬ (ନି.ପ୍ର): ଗଜପତି ଜିଲ୍ଲାପାଳ ଅନୁପମ ଶାହା ଜିଲ୍ଲାରେ ଜୁନ୍ ୩୦ ତାରିଖ ଯାଏ ଲକ୍ ଡାଉନ ନେଇ ଏକ ଅଫିସିଆଲ ଅର୍ଡ଼ର ପ୍ରକାଶ କରିଛନ୍ତି । ସେଥିରେ ଉଲ୍ଲେଖ ଅଛି ଯେ, କଂଟେନମେଂଟ ଓ ବଫର ଜୋନରେ ୩୦ ତାରିଖ ଯାଏ ଲକଡାଉନ ଜାରି ରହିବ । କେବଳ ଆବଶ୍ୟକ କାର୍ଯ୍ୟକ୍ରମ କରିହେବ । ଘରକୁ ଘର ବୁଲି ଯାଂଚ କରିବା, ସ୍ୱାସ୍ଥ୍ୟଗତ ବିଷୟ ବୁଝିବା ନେଇ ସ୍ୱାସ୍ଥ୍ୟ ବିକାଶ ଦ୍ୱାରା ଜାରି ନିୟମାବଳୀକୁ କାର୍ଯ୍ୟ କରିବ । ଜୁନ୍ ୩୦ ତାରିଖ ଯାଏ ଜିଲ୍ଲାର ଜନସାଧାରଣ ଧର୍ମାନୁଷ୍ଠାନକୁ ଯାଇ ପାରିବେ ନାହିଁ । ମଲ ବନ୍ଦ ରହିବ, ସିନେମା, ଜିମ୍, ପାର୍କ, ବାର ପ୍ରଭୃତି ବନ୍ଦ ରହିବ । ସାମାଜିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରିହବ । ହୋଟେଲ ଗୁଡ଼ିକରେ ଶତକଡ଼ା ୩୦ ପ୍ରତିଶତ ଲୋକ ନେଇ କାର୍ଯ୍ୟ ହେବ । ଘର ମାନଙ୍କୁ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରିପାରିବେ । ଜୁଲାଇ ମାସ ୩୧ ଯାଏ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ । ଜିଲ୍ଲାରେ ସକାଳ ୫ ଘଂଟାଠାରୁ ୧୧ ଘଂଟାଯାଏ ଏବଂ ଅପରାହ୍ନ ଚାରି ଘଂଟା ଠାରୁ ସନ୍ଧ୍ୟା ୭ ଘଂଟା ଯାଏ ଜିଲ୍ଲାରେ ଦୋକାନବଜାର ପ୍ରଭୃତି ଖୋଲା ରହିବ । ସାମାଜିକ ଦୂରତା, ମାସ୍କ ବ୍ୟବହାର କରିବା ଏବଂ ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ମନା କରାଯାଇଛି । ଯଦି କିଏ କରେ ବିଧି ଅନୁଯାୟୀ ଦଣ୍ଡିତ ହେବେ । ଗୋଟିଏ ସ୍ଥାନରେ ୭ ଜଣରୁ ଅଧିକ ରହିପାରିବେ ନାହିଁ । ବିଭାଘର କାର୍ଯ୍ୟରେ ୫୦ ଏବଂ ଅନ୍ତେଷ୍ଟି କ୍ରିୟାରେ ୨୦ ଜଣରୁ ଅଧିକ ବ୍ୟକ୍ତି ଯୋଗ ଦେଇପାରିବେ ନାହିଁ । ବସ୍, ଟାକ୍ସି, ଅଟୋ ରିକ୍ସା ପ୍ରମୁଖ ଗାଡ଼ିରେ ଉଲ୍ଲିଖିତ କେପାସିଟିରେ ଯାତ୍ରୀ ପରିବହନ କରିପାରିବେ । ସନ୍ଧ୍ୟା ୭ ଘଂଟା ଠାରୁ ସକାଳ ୫ ଘଂଟା ଯାଏ ରାତ୍ର କର୍ଫ୍ୟୁ ବଳବତର ରହିବ ବୋଲି ଉଲ୍ଲେଖ କରାଯାଇଛି ।

# ହାଇକୋର୍ଟରେ ପୁରୀ ରଥଯାତ୍ରା ସମ୍ପର୍କିତ ଜନସ୍ୱାର୍ଥ ମାମଲା

## ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ : ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତି ଶୁଣାଣୀ

କଟକ,୩/୬ (ନି.ପ୍ର): ହାଇକୋର୍ଟରେ ଆଜି ପୁରୀ ରଥଯାତ୍ରା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣୀ ହୋଇଛି । ମାମଲାର ଶୁଣାଣୀ କରି ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତି ଶୁଣାଣୀ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ପ୍ରକାଶ ଥାଉ କି, ପୂର୍ବରୁ ୨୨ ତାରିଖ ସୁଦ୍ଧା ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### ଆସନ୍ତା ୫ ରେ ଦେବ ସ୍ନାନ ପୂର୍ଣ୍ଣମୀ

# ତିନି ରଥର ଚାରିନାହାକା କାମ ଚୂଡ଼ାନ୍ତ ପର୍ଯ୍ୟାୟରେ

ପୁରୀ,୩/୬ (ନି.ପ୍ର): ଦେବ ସ୍ନାନ ପୂର୍ଣ୍ଣମୀ ଆଉ ଦୁଇ ଦିନ ପରେ ଅର୍ଥାତ୍ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହି ପବିତ୍ର ତିଥିରେ ତିନି ରଥର ଚାରି ନାହାକା ଉଠିବାର ପରମ୍ପରା ରହିଛି । ଯାହାକୁ ନେଇ କ୍ଷିପ୍ର ଗତିରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ରଥ ଖଳାରେ ମହାରଣା ସେବାୟତ, ଭୋଇ ସେବାୟତ, ରୂପକାର ସେବାୟତ ଏବଂ ଦୋଳବେଦି ନିକଟ ଅସ୍ଥାୟୀ କମାର ଶାଳରେ କମାର ସେବାୟତଙ୍କ ମିଳିତ ସମନ୍ୱୟରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ତେବେ ଦେବ ସ୍ନାନ ପୂର୍ଣ୍ଣମୀର ଅବ୍ୟବହିତ ପୂର୍ବରୁ ପ୍ରତି ରଥର ଚାରିନାହାକା କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଚାରି ନାହାକା ପରେ ଛକାଠ ଏବଂ ତା ପରେ ଚଉଦ ନାହାକା ଉଠିବ । ଉଭା ଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶା କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତିନି ରଥର ସମସ୍ତ ଚକ ଅଖ ନିର୍ମାଣ ଓ ସଂଯୋଗ କାର୍ଯ୍ୟ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି । ଏହା ଉପରେ ଦଣ୍ଡା ପଡିଛି । ରଥର ଆଗ ପଛରେ ଦୁଇ ମୁହାଁଟ ବାଡିଆ ସରିଛି ।

# ସ୍ନାନ ପୂର୍ଣ୍ଣମୀ ଦିନ ଲାଗୁ ହେବ ୧୪୪ ଧାରା - ଜିଲ୍ଲାପାଳ

## ଆସନ୍ତା ୪ ତାରିଖ ରାତି ୧୦ଟାରୁ ୬ ତାରିଖ ପ୍ରାତଃ ୨ଟା ପର୍ଯ୍ୟନ୍ତ କଟକଣା ବଳବତର ରହିବ

ପୁରୀ,୩/୬ (ନି.ପ୍ର): କରୋନା କଟକଣାକୁ ଦୃଷ୍ଟିରେ ରଖି ସ୍ନାନ ପୂର୍ଣ୍ଣମୀ ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ସମେତ ଅନ୍ୟାନ୍ୟ ଛକ ମାନଙ୍କରେ ୧୪୪ ଧାରା ଜାରୀ କରାଯିବ । ଆଜି ଛତିଶା ନିଯୋଗ ବୈଠକରେ ଏନେଇ ବିଧିବଦ୍ଧ ନିଷ୍ପତି ଗ୍ରହଣ କରାଯାଇଥିବା ନେଇ ଜିଲ୍ଲାପାଳ ବଳଓ୍ୱନ୍ତ ସିଂହ ସୂଚନା ଦେଇଛନ୍ତି । ଶ୍ରୀମନ୍ଦିରକୁ ଲୋକଙ୍କ ଆତଯାତ ରୋକିବାକୁ ୧୪୪ ଧାରା ଜାରୀ କରାଯିବାକୁ ନିଷ୍ପତି ହୋଇଥିବା ସେ କହିଛନ୍ତି । ସମୀକ୍ଷା ବୈଠକ ପରେ ଏନେଇ ଅଧିକ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ କହିଛନ୍ତି ଯେ, ଆସନ୍ତା ୪ ତାରିଖ ରାତି ୧୦ଟା ଠାରୁ ୬ ତାରିଖ ପ୍ରାତଃ ୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ । ଏଥିସହ ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ଅନେକ ସାହି ଓ ଛକ ମାନଙ୍କରେ ମଧ୍ୟ ୧୪୪ ଧାରା ଜାରୀ କରାଯିବ । ମାର୍କେଟ ଛକ - କାକୁଡ଼ି ଖାଇ ଛକ, ମର୍ଚ୍ଚିକୋଟ ଛକ ଠାରୁ- ଲବଣୀଖିଆ ଛକ, ଲବଣୀଖିଆ ଛକ ଠାରୁ ଭାୟା ଜେନାରୀ ଗଛ ଛକ ଦେଇ କରତି ସାହି ସହ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ପର୍ଯ୍ୟନ୍ତ ଏହି ୧୪୪ ଧାରା ବଳବତର ରହିବ । ଏଥିସହ ଭୋଗ ଜାଗା, ଖୁଂଟିଆ ସାହି ଛକ, ସୁଦର୍ଶନ ଗେଷ୍ଟ ହାଉସ୍, ହରଚଣ୍ଡୀ ସାହିର ମାଛ ହାଟ ଛକ, ବରାହି ଛକ, ଲୋକନାଥ ରୋଡର ବୃଷଭ ଛକ, ମଙ୍ଗଳା ଘାଟ ମାଳିକା ଛକ, ବାଲି ସ୍କୁଲ, ମିଶ୍ର ସାହି, ପାଣ୍ଡା ଜାଗା, ଚୂଡ଼ଙ୍ଗ ସାହି ଦେଇ ବଡ଼ଦାଣ୍ଡ ଇଣ୍ଡିଆନ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ୧୪୪ ଧାରା ଜାରୀ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ପୁରୀ ଲୋକ ନିଜେ ବହୁତ ଶୃଙ୍ଖଳିତ । ତେଣୁ ସମସ୍ତେ ଏହି ନିୟମକୁ ମାନିବେ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି ।

# ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା ଉଦ୍ୟମ

## ମାଆ, ତିନି ଭଉଣୀ ଓ ଜଣେ ଭାଇ ଫିନାଇଲ୍ ପିଇ ଗୁରୁତର

ଝାରସୁଗୁଡ଼ା,୩/୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବିଟିଏମ୍ ଫାଣ୍ଡି ଲହଣ୍ଡାବୁଡ଼ରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ପରିବାରର ଜଣେ ସଦସ୍ୟ ପୂର୍ବରୁ ଦୁର୍ଘଟଣାରେ ଆହତ ହୋଇଥିଲେ । ଗତକାଲି ରାତିରେ ଘରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଦୁଃଖରେ ମ୍ରିୟମାଣ ହୋଇପଡିଥିଲେ ପରିବାର ଲୋକେ । ପୁଅର ଅକାଳ ବିୟୋଗକୁ ଆଖି ଆଗରେ ଦେଖି ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ ମାଆ ଓ ପରିବାରର ଅନ୍ୟମାନେ । ଏହାପରେ ମାଆ, ତିନି ଭଉଣୀ ଓ ଅନ୍ୟ ଜଣେ ଭାଇ ଫିନାଇଲ୍ ପିଇ ଆତ୍ମହତ୍ୟା ନିଷ୍ପତି ନେଇଥିଲେ । ସମ୍ପୃକ୍ତ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଝାରସୁଗୁଡ଼ା ମେଡ଼ିକାଲରେ ଭର୍ତି କରାଯାଇଥିବା ବେଳେ ପରେ ଜଣକୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ବିଭିନ୍ନ ଜିଲ୍ଲାରେ କରୋନାର ସ୍ଥିତି : ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୫୮ ହେଲା

ଭୁବନେଶ୍ୱର,୩/୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବଢିବାରେ ଲାଗିଛି ।। କରୋନା ଆକ୍ରାନ୍ତ ଜିଲ୍ଲାଙ୍କ ସୂଚୀରେ ଗଂଜାମ ଜିଲ୍ଲା ଆଜି ସବୁଠାରୁ ଆଗରେ ରହିଛି । ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୪୫୮ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବର୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୨୯୦ ଓ ଖୋର୍ଦ୍ଧା ଜିଲ୍ଲାରେ ୧୬୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୫୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୧୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସେହିପରି ଭଦ୍ରକ ଜିଲ୍ଲାରେ ୧୨୦ ଜଣ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରେ ୯୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୮୯ ଜଣ, ଜଗତସିଂହପୁର ଜିଲ୍ଲାରେ ୮୬ ଜଣ ଓ ନୟାଗଡ ଜିଲ୍ଲାରେ ୬୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୫୨ ଜଣ ସଂକ୍ରମିତ ହୋଇଥିବାବେଳେ ଗଜପତି ଜିଲ୍ଲାରେ ୪୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରେ ୩୪ ଜଣ ଆକ୍ରାନ୍ତ, ଚିହ୍ନଟ ହୋଇଥିବାବେଳେ ଦେବଗଡ ଜିଲ୍ଲାରେ ୩୨ ଜଣ, କେନ୍ଦୁଝର ଜିଲ୍ଲାରେ ୩୦ ଜଣ. ମୟୁରଭଂଜ ଜିଲ୍ଲାରେ ୨୬, ଅନୁଗୁଳ ଜିଲ୍ଲାରେ ୨୬ ଜଣ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୨୨,ମାଲକାନଗିରି ଜିଲ୍ଲାରେ ୨୧ ଜଣ . ଢେଙ୍କାନାଳ ଜିଲ୍ଲାରେ ୨୧ ଜଣ, କଳାହାଣ୍ଡି ଜିଲ୍ଲାରେ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । । ସମ୍ବଲପୁର ଜିଲ୍ଲାରେ ୧୨ ଜଣ ଓ ବରଗଡରେ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁରରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନବରଂଗପୁର ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି ।

# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭଦ୍ରକ, ୩ /୬ (ହି.ସ.) - ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜିଲ୍ଲାପାଳ କୋବିଡ୍ ୧୯ର ପରିଚାଳନା ଉପରେ ସାଂସଦ ଓ ବିଧାୟକମାନଙ୍କ ଅବଗତି ନିମନ୍ତେ ବିସ୍ତୃତ ବିବରଣୀ ଉପରେ ଆଲୋଚନା କରିଥିଲେ । ପରେ ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ସମୟରେ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସୁପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାକୁ ୧୧ଟି ଜୋନ୍‌ରେ ବିଭକ୍ତ କରି ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଚଳିତ ବର୍ଷ ପାଣିପାଗ ବିଭାଗ, ରାଜ୍ୟରେ ଭଲ ବର୍ଷା ହେବା ଆକଳନ କରିଥିବାରୁ ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଏହି ଆଲୋଚନାରେ ଅସ୍ଥାୟୀ ବେତାର କେନ୍ଦ୍ର ପ୍ରତିଷ୍ଠା, ସରକାରୀ ଯନ୍ତ୍ର ଚାଳିତ ଡଙ୍ଗା, ଦେଶୀ ଡଙ୍ଗା, ଓ୍ୱାଟର୍ ଟିମ୍‌ର ମୁତୟନ, ରିଲିଫ୍‌ର ସୁଷମ ବଂଟନ, ବର୍ଷା ପରିମାପକ ଯନ୍ତ୍ରର ସୁପରିଚାଳନା, ବିଭିନ୍ନ ସ୍ଥାନରେ ଦୁର୍ବଳ ନଦୀବନ୍ଧର ମରାମତି, ଭଦ୍ରକ ସହରା ଲରେ ବନ୍ୟାଜଳର ନିଷ୍କାସନ, ଜିଲ୍ଲାର ଅଗମ୍ୟ ସ୍ଥାନରେ ବର୍ଷା ପୂର୍ବରୁ ରିଲିଫ ଦ୍ରବ୍ୟ, କିରୋସିନ, ଚୁଡା, ଚାଉଳ, ଗୁଡ, ଗୋଖାଦ୍ୟ ମହଜୁଦ୍ ରଖିବା, ବନ୍ୟା କିମ୍ବା ମରୁଡି ହେଲେ କୃଷି ବିଭାଗ ପରବର୍ତୀ ପରିସ୍ଥିତିରେ ଚାଷ ସୁପରିଚାଳନା ପାଇଁ ବିହନ ଓ ସାର ଗଚ୍ଛିତ ରଖିବା, ବନ୍ୟା ସମୟରେ ବନ୍ୟାକ୍ଲିଷ୍ଟଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା, ପଶୁ ସମ୍ପଦର ସୁରକ୍ଷା, ଚିକିତ୍ସା ଓ ଖାଦ୍ୟ ପ୍ରସ୍ତୁତ ରଖବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଗତକାଲି ଠାରୁ (ଜୁନ ୧) ଠାରୁ ଆରମ୍ଭ ହୋଇ ନଭେମ୍ବର ୩୦ ପର୍ଯ୍ୟନ୍ତ ୩ଟି ଅସ୍ଥାୟୀ ବେତାର କେନ୍ଦ୍ର ଆଖୁଆପଦା ଜଳସେଚନ କାର୍ଯ୍ୟାଳୟ, ଧୁଷୁରୀ ଗାନ୍ଧିଘାଟ ଜଳସେଚନ କାର୍ଯ୍ୟାଳୟ ଏବଂ ତିହିଡି ଶ୍ୟାମସୁନ୍ଦରପୁର ବାତ୍ୟା ଆଶ୍ରୟସ୍ଥଳୀ ଠାରେ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି । ଏହା ବ୍ୟତୀତ ବିଭିନ୍ନ ତହସିଲ ଅ ଳରେ ମୋଟ ୩୨ଟି ଡଙ୍ଗା ରହିଥିବା ବେଳେ ସେଥିମଧ୍ୟରୁ ୩୧ଟି ସଚଳ ଓ ଗୋଟିଏ ଅଚଳ ରହିଛି । ଏହାକୁ ଚଲାଇବା ପାଇଁ ଅସ୍ଥାୟୀ ଲ ଡ୍ରାଇଭର ଓ ଖଲାସୀ ନିଯୁକ୍ତି ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲାରେ ଥିବା ୧୦୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରେ ରେଡକ୍ରସର ହୋଇଥିବା ବେଳେ ୮୪ଟି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଅଧିନରେ ରହିଛି । ଏହି ୮୪ଟି ବାତ୍ୟା ଆଶୟସ୍ଥଳୀକୁ ଆସନ୍ତା ୧୦ ତାରିଖ ସୁଦ୍ଧା ମରାମତି କରାଯିବା ନିମନ୍ତେ ସମସ୍ତ ବିଡିଓଙ୍କୁ ଏସ୍ଆର୍‌ସିଙ୍କ ଅନୁମୋଦନ କ୍ରମେ ୪ କୋଟି ୨୭ଲକ୍ଷ ୮୩ ହଜାର ୧୮୪ଟଙ୍କା ପ୍ରଦାନ କରାଯାଇଛି । ତେବେ ଏହି ୮୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରୁ ୨୦ଟିର ମରାମତି ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ବାକି ୬୪ଟିର କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି ବୋଲି ସୂଚନା ଦିଆଯାଇଥିଲା । ଏହି ବୈଠକରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସା) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ମୋ ପରିବାର ପକ୍ଷରୁ ଖାଦ୍ୟ ବଂଟନ

ଭଦ୍ରକ, ୩ /୬ (ହି.ସ.) - ରାଜ୍ୟ ସରକାରଙ୍କ 'ମୋ ପରିବାର' ପକ୍ଷରୁ ପ୍ରବାସୀମାନଙ୍କୁ ଭଦ୍ରକରେ ଖାଦ୍ୟ ବଂଟନ କରାଯାଇଛି । ଆଜି ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ମୋ ପରିବାରର ସଦସ୍ୟ ତଥା ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟକୁ ଯାଉଥିବା ପ୍ରବାସୀମାନଙ୍କୁ ଖାଦ୍ୟ ବଂଟନ କରାଯାଇଛି । ଏହି ଅବସରରେ ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ଯୁବ ବିଜେଡିର ଉପସଭାପତି ଇଂ ପ୍ରୟାସକାନ୍ତି ସାମଲଙ୍କ ସମେତ ମୋ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ବୟସ ବି ପଛରେ ପଡ଼ିଯିବ

ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ନୂଆ ନୂଆ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସୌନ୍ଦର୍ଯ୍ୟ କ୍ଷେତ୍ରରେ ବି ନିତ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଆଜି ବଜାରରେ ଗୋରା ହେବାକୁ ନେଇ ତ୍ୱଚାରୁ ବୟସର ରେଖା ଦୂରେଇବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ବିକ୍ରି ହେଉଛି। ସମସ୍ତ ସୁନ୍ଦର ଓ ଗୋରା ଦେଖାଯିବାକୁ ଚାହୁଁଥିବାରୁ ବିୟୁଟିସିଆନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବେଳେ ତ୍ୱଚାରୁ ବୟସର ରେଖା ଦୂରେଇବା ପାଇଁ ରିକଲ୍ସ ଲେଜର ଥେରାପିରେ ପୟୋଗ ମଧ୍ୟ ବୃଦ୍ଧି ପାଉଛି। ଏହାଦ୍ୱାରା ତ୍ୱଚାରୁ ବ୍ଲାକ୍ ସ୍ପଟ୍ ଦୂରେଇବା ସହ ତ୍ୱଚା ଗୋରା କରାଯାଇ ପାରିବ। ମାଂସପେଶୀରେ ସକ୍ରିୟତା ଧୀର ହୋଇଯିବା ଯୋଗୁଁ ତ୍ୱଚାରେ ବିଭିନ୍ନ ସମସ୍ୟାମାନ ଦେଖାଯାଏ। ଏହାଦ୍ୱାରା ମାଂସପେଶୀ ସକ୍ରିୟ ହୋଇଥାଏ ଏବଂ ତ୍ୱଚାର ସମସ୍ୟା ମଧ୍ୟ ଦୂରେଇ ଯାଏ।



### ରିକଲ୍ସ ଲେଜର ଥେରାପି:




ତ୍ୱଚାରେ ପଡୁଥିବା ବୟସ ରେଖାକୁ ଦୂର କରିବା ପାଇଁ ଅତ୍ୟାଧୁନିକ ଲେଜର ଟେକ୍ନୋଲୋଜି ବିକଶିତ ହୋଇଛି। କାର୍ବନ ଡାଇ ଅକ୍ସାଇଡ଼ରେ ଏହି ଥେରାପି ପ୍ରସ୍ତୁତ କରାଯାଇଛି। ଏହା ଅନ୍ୟ ଥେରାପି ଠାରୁ ଯଥେଷ୍ଟ ଗୁଣରେ ଭଲ। ଏହା ଶୀଘ୍ର ତ୍ୱଚାକୁ ସୁନ୍ଦର କରିଦିଏ। ଏହା ତ୍ୱଚାରେ ଥିବା ମୃତ କୋଷକୁ ସକ୍ରିୟ କରି ବୟସ ରେଖା ସମସ୍ୟାକୁର ଦୂର କରେ।

### କେତେ ବୟସରେ ଏହି ଥେରାପି ନେବେ:

୩୫ବର୍ଷ ପରେ ତ୍ୱଚାରେ ବୟସର ରେଖା ପଡ଼େ। କିନ୍ତୁ ରେଖା ଆରମ୍ଭ ହେବା ପୂର୍ବରୁ ଏହି ଥେରାପି ନେବା ଉଚିତ୍। ମୃତ କୋଷ ତ୍ୱଚାରେ ରେଖା ପଡ଼ିବାର ମୁଖ୍ୟ କାରଣ। ତେଣୁ ତ୍ୱଚା ଖରାପ ଦେଖାଗଲେ ଥେରାପି ମାଧ୍ୟମରେ ତ୍ୱଚାର ନୂଆ ରୂପ ଦିଅନ୍ତୁ।

### ରିକଲ୍ସ ଥେରାପିରେ ଲାଭ:

ଏହି ଥେରାପି ଯେକୌଣସି ତ୍ୱଚା ପାଇଁ ଉପଯୁକ୍ତ ଅଟେ। ଏହା ବହୁ ସମୟ ଧରି ରହିଥାଏ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତ୍ୱଚାରୁ କଳାଦାଗ, ବ୍ଲାକ୍ ସ୍ପଟ୍, ବୟସ ରେଖା ଓ କିଛି ଆଘାତ ହୋଇଥିଲେ ବି ଏହି ଥେରାପିରେ ସବୁ ଠିକ ହୋଇଯାଏ।

### କ୍ଷତି:

ଏହି ଥେରାପି କେତେକ ତ୍ୱଚା ପାଇଁ ମଧ୍ୟ କ୍ଷତି ପହଞ୍ଚାଇଥାଏ। ତ୍ୱଚା ବେଳେବେଳେ ଲାଲ ହୋଇଯାଏ। ଥେରାପି କରିବା ପରେ ତ୍ୱଚା ପୋଡିପାରେ। କିନ୍ତୁ ଏହର ଅଳ୍ପ ସମୟ ପାଇଁ ହୋଇଥାଏ।

### କେତେଥର ନେବେ ଥେରାପି:

ଏହି ଥେରାପିକୁ ୨-୩ ଥର ନେବାକୁ ପଡେ। ଥରେ ଥେରାପି କଲା ପରେ ୩ ବର୍ଷ ପରେ ପୁଣି ଥେରାପି କରିବାକୁ ପଡିବ।

### ଖର୍ଚ୍ଚ:

ଏହି ଥେରାପକୁ ପୁରା ଚେହେରାରେ କରିବାକୁ ଚାହୁଁଥିଲେ ୧୫ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଆପଣ ଚାହିଁଲେ ମୁହଁ, ହାତ, ଗୋଡ ଅଲଗା ଅଲଗା ଭାବରେ ଥେରାପି ନେଇପାରିବେ।

## ଚମତ୍କାରୀ ସେଓ ଚା’



ଫିଟ ରହିବାକୁ ଏପର୍ଯ୍ୟନ୍ତ ସମସ୍ତେ ଗ୍ରୀନ ଟି ଏବଂ କଫି ପିଇବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ ଜାଣନ୍ତି ଆପଲ ବା ସେଓ ଚା’ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ? ଏହା କେବଳ ଓଜନ ନିୟନ୍ତ୍ରଣ କରେ ନାହିଁ ବରଂ ଶରୀରରେ ଥିବା ବିଭିନ୍ନ ପ୍ରକାର ରୋଗର ନିଦାନ ଏବଂ ନିୟନ୍ତ୍ରଣ ବି କରିଥାଏ । ସେଓରେ ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ ଏହା ୟୁରୋପରେ ବେଶ ଲୋକପ୍ରିୟ ଚା’ । ଉଚ୍ଚରକ୍ତଚାପ ଏବଂ ମଧୁମେହ ନିୟନ୍ତ୍ରଣ ପାଇଁ ଏଠାକାର ଲୋକେ ସେଓ ଚା’କୁ ଅଗ୍ରାଧିକାର ଦେଇଥାନ୍ତି । ସେଓ ଚା’ରେ ଥିବା ଭିଟାମିନ ପ୍ରଭାବୀ ଉପାୟରେ ଓଜନ ନିୟନ୍ତ୍ରଣ କରି ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ । ଏହାର ସେବନ ଦ୍ୱାରା ପାଚନ ତନ୍ତ୍ରରୁ ବିଷାକ୍ତ ପଦାର୍ଥ ସହଜରେ ନିଷ୍କାସିତ ହୋଇଯାଏ । ଆଣ୍ଟିଅକ୍ସିଡାଣ୍ଟ ବ୍ୟତୀତ ସେଓରେ ଥିବା ପ୍ରାକୃତିକ ସୁଗାର ମେଟାବଲିଜିମ ନିୟନ୍ତ୍ରଣ ରଖିବା ସହ ରକ୍ତରେ ଶର୍କରା ପରିମାଣକୁ ବଢ଼ିବାକୁ ଦିଏନାହିଁ । ଏଥିରେ କ୍ୟାଲୋରୀ ଆଦୌ ନଥାଏ । ଯଦ୍ଦ୍ୱାରା ବିନା ଦ୍ୱିଧାରେ ଏହାର ସେବନ କରିପାରିବେ ।

## ଚଢ଼େଇ ବସାର ଘର

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଏହା ସମ୍ପୂର୍ଣ୍ଣ ସତ । ସାଧାରଣରେ ଦେଖିବାକୁ ଗଲେ ଲୋକେ ସୁନ୍ଦର ଏବଂ ବିଳାସପୂର୍ଣ୍ଣ ଘରେ ରହିବାକୁ ସବୁବେଳେ ସ୍ୱପ୍ନ ଦେଖନ୍ତି । କିନ୍ତୁ ଆଜିର ଯୁଗରେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ବର୍ଷେ କି ଦୁଇ ବର୍ଷ ନୁହେଁ ଲଗାତର ପିଢ଼ି ପରେ ପିଢ଼ି ଚଢ଼େଇ ବସା ଭଳିଘରେ ରହିବାକୁ ପସନ୍ଦ କରୁଛନ୍ତି । ଇରାନରେ କାନ୍ଦୋବନ ଗାଁର କାହାଣୀ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ଏଠାକାର ବାସିନ୍ଦା ଚଢ଼େଇ ବସା ସଦୃଶ ଘର ତିଆରି କରି ତା ଭିତରେ ସୁଖଶାନ୍ତିରେ ରହୁଛନ୍ତି । ଘରଗୁଡ଼ିକ ବି ନିଜର ନିର୍ମାଣଶୈଳୀ ପାଇଁ ବିଶ୍ୱସ୍ତରରେ ଶେ ପ୍ରସିଦ୍ଧ । ତେବେ ଗ୍ରାମବାସୀମାନେ ଏଭଳି ଘର ତିଆରି କରି ରହିବା ପଛର ପ୍ରକୃତ କାରଣ ହେଉଛଇ, ଏହା ଶୀତ ଦିନେ ଗରମ ଏବଂ ଗ୍ରୀଷ୍ମରେ ଥଣ୍ଡା ରହିଥାଏ । ଏଣୁ ଗ୍ରାମବାସୀଙ୍କୁ ନାହିଟରର ଆବଶ୍ୟକ ଅଛି ନା ଏସିର । ଘର ଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ପ୍ରାୟ ୭ଶହ ବର୍ଷ ପୁରୁଣା । କୁହାଯାଇଛି, ଏଠାକାର ବାସିନ୍ଦାଙ୍କ ପୂର୍ବଜମାନେ ଶତ୍ରୁ ଆକ୍ରମଣରୁ ବର୍ତ୍ତିବା ପାଇଁ ଏଭଳି ଘର ତିଆରି କରିଥିଲେ । ଏହା ସେମାନଙ୍କର ଭିଟାମାଟି ନଥିଲା । କେବଳ ଶତ୍ରୁଙ୍କ କବଳରୁ ଲୁଚିବା ପାଇଁ ଠିକଣାଖୋଜୁ ଖୋଜୁ ଏହି ଘର ତିଆରି କରିଦେଇଥିଲେ । ଆଜି ଏହାର ଆକର୍ଷଣୀୟ ନିର୍ମାଣଶୈଳୀ ଏବଂ ଅଦ୍ଭୁତ ସାଜସଜ୍ଜା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରୁଛି ।




## ୧୯୫ ବର୍ଷ ତଳର ରେନ-କୋଟ୍



ବର୍ଷା ହେଲେ ଛତା ଓ ରେନ-କୋଟ ପ୍ରମୁଖ ଆବଶ୍ୟକତା ପାଲଟିଯାଏ । ଆଜିକାଲି ବିଭିନ୍ନ ବୟସ ଓ ବର୍ଗର ଲୋକ ରେନ -କୋଟ ପିନ୍ଧିବାକୁ ଉଚିତ ମଣୁଛନ୍ତି । ତେବେ ଏଇ ରେନ-କୋଟ ତିଆରି ସର୍ବପ୍ରଥମେ ଆଜିକୁ ୧୯୫ ବର୍ଷ ତଳେ ହୋଇଥିଲା । ୧୮୨୩ ଅକ୍ଟୋବର ୧୨ରେ ବି୍ରଟେନରେ ପ୍ରଥମ ରେନ-କୋଟ ତିଆରି ହୋଇଥିଲା । ସ୍କଟଲାଣ୍ଡର ଜନୈକ ବିଶେଷଜ୍ଞ ଚାର୍ଲସ ମ୍ୟାକିନଟୋସ ‘ତାପୁଲିନ’ ଫ୍ୟାବ୍ରିକରେ ଏଇ ରେନକୋଟ ତିଆରି କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ବି୍ରଟେନର ନାମୀ କମ୍ପାନୀଗୁଡ଼ିକ ବିଭିନ୍ନ ଡିଜାଇନର ରେକୋଟ ତିଆରି କରି ବଜାର ପ୍ରବେଶ କରାଇଛନ୍ତି ।

## ଘରକୁ ସୁବାସିତ ରଖିବାର ଉପାୟ



ସୁବାସିତ ଧୂପବତି ଲଗାଇ କିଛି ସମୟ ପାଇଁ ଘରର ଚତୁର୍ଦ୍ଦିଗକୁ ବାସ୍ନାରେ ମହକାଇ ହେବ । ଏବେ ବଜାରରେ ବିଭିନ୍ନ କମ୍ପାନୀର ରୁମ ସେଣ୍ଟମିଳୁଛି । ସେସବୁ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ । ତେବେ ସହଜ ଉପାୟରେ ଘରକୁ କିପରି ସୁବାସିତ ଅଧିକ ସମୟ ରଖିବେ? ଶସ୍ତା ତଥା ପ୍ରଭାବବିହୀନ ଆରୋମ । କ୍ୟାଣ୍ଡେଲ ଲଗାଇଲେ ଏହା ମାନସିକ ଶାନ୍ତି ଦେବା ସହ ଚତୁର୍ଦ୍ଦିଗକୁ ମହକାଇଥାଏ । ଆଜିକାଲି ଲୋକେ ଏହାକୁ ସ୍ନାନାଗାରରେ ଉପଯୋଗ କରୁଥିବାର ଦେଖାଯାଉଛି । ଗୋଲାପ ଫୁଲ ହେଉ ଅବା ମଲ୍ଲୀ ଫୁଲ, ଏସବୁ ଶୁଖିବା ପରେ ତାହାକୁ ଏକ ବଡ଼ ପାତ୍ରରେ ରଖନ୍ତୁ । ପରେ ସେଥିରେ ପାଣି ଭର୍ତ୍ତି କରି ବଜାରରେ ମିଳୁଥିବା ଏସେନସିଆଲ ଅଏଲକୁ କିଛି ବୁନ୍ଦା ପକାନ୍ତୁ । ଦେଖିବବେ, ୨ଦିନ ପର୍ଯ୍ୟନ୍ତ ଘର ମହକିବ । ହର୍ବାଲ ଅଗରବତି ଘର ପାଇଁ ସର୍ବୋତ୍ତମ । ପଣ୍ଡିଚେରୀ ଓ କେରଳର ଲୋକେ ଏହାକୁ ସବୁଠୁ ଅଧିକ ଉପଯୋଗ କରନ୍ତି । ଆଜିକାଲି ଅନ ଲାଇନ ସାଇଟ ଓ ବଡ଼ବଡ଼ ସପିଂ ମଲରେ ଏସବୁ ବିକ୍ରି ହେଉଛି । ଅନେକ ବର୍ଷ ପୂର୍ବେ ଏଇ ଉପାୟରେ ଘରର ଚତୁର୍ଦ୍ଦିଗକୁ ମହକାଯାଉଥିଲା । ସେଓ ଚୋପା, କମଳା ଚୋପା, ଲେମ୍ବୁଚୋପା, ଡାଲଚିନି, ଲବଙ୍ଗ, ଗୁଜୁରାତି ଇତ୍ୟାଦିକୁ ଏକ ବଡ଼ କଡ଼େଇରେ ପାଣି ସହ ଫୁଟାଯାଉଥିଲା । ଏହାର ବାମ୍ପରେ ଚତୁର୍ଦ୍ଦିଗ ମହକିବା ସହ ପରେ ଏଇ ପାଣିକୁ ଥଣ୍ଡା କରାଯାଇ ତାହାକୁ ବିଭିନ୍ନ କୋଣରେ ସିଞ୍ଚନ କରାଯାଉଥିଲା । ଏହା ମଶାମାଛି ଦୂରେଇଦେବା ସହ ଏହା ପରିବେଶକୁ ମଧ୍ୟ ଶୁଦ୍ଧ କରିଥାଏ ।




## ଫଳ ନଷ୍ଟ କରୁଥିବା ପକ୍ଷୀଙ୍କୁ ତଡ଼ିବା ପାଇଁ ଲେଜର



ଖେତ ଉଜାଡୁଥିବା ପକ୍ଷୀଙ୍କୁ ତଡ଼ିବା ପାଇଁ ପାଳଭୂତ ଛିଡ଼ାକରାଇବା, ବାଜା ବଜାଇବା ଆଦି ପାରଂପରିକ ପଦ୍ଧତି ଏବେ ବି ପ୍ରଚଳିତ । ଏହାଦ୍ୱାରା ଶତ-ପ୍ରତିଶତ ସୁଫଳ ମିଳୁ ନଥିବା ମଧ୍ୟ ଜଣାଶୁଣା କଥା । ଏବେ ପକ୍ଷୀଙ୍କୁ ତଡ଼ିବା ପାଇଁ ଅଭିନବ ଲେଜର ବିକଶିତ ହୋଇଛି । ଏହାକୁ କୁହାଯାଉଛି ‘ଏଗ୍ରିଲେଜର ଅଟୋମିକସ’ । ଏହି ଲେଜର ଯନ୍ତ୍ର ସୌର-ଶକ୍ତି ଦ୍ୱାରା କାର୍ଯ୍ୟ କରୁଛି । ଏଥିରୁ ବାହାରୁଥିବା ସବୁଜ ବର୍ଣ୍ଣର ଆଲୋକ ପକ୍ଷୀଙ୍କୁ ଭୟଭୀତ କରୁଛି ଏବଂ ଶିକାରୀ ଭାବି, ସେମାନେ ଖେତ ନିକଟକୁ ଆସୁନାହାନ୍ତି । ଓରିଗନର ଏକ ବ୍ଲୁବେରି ବଗିଚାରେ ପକ୍ଷୀଙ୍କ ଦ୍ୱାରା ପଚିଶ ପ୍ରତିଶତ କୋଳି ନଷ୍ଟ ହେବା ଦେଖି, ଉଦ୍ୟାନ ମାଳିକ, ହି ଲେଜର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାର ଫଳାଫଳ, ତାଙ୍କ ସପକ୍ଷରେ ଯାଇଥିବା ଏବଂ ସେ ଏକ ଲକ୍ଷ ଡଲାରର କ୍ଷତିରୁ ରକ୍ଷା ପାଇଥିବା ପ୍ରକାଶ । ଏହି ଲେଜର ଅନେଶତ ପ୍ରତିଶତ ପକ୍ଷୀଙ୍କୁ ଡରାଇ, ତଡ଼ିପାରୁଛି । ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସାତ ଲକ୍ଷ ଟଙ୍କା ।



## ଅଜବ ରୋଗ



ବଦଳୁଥିବା ଯୁଗ ସହ ମେଡିକାଲ ସାଇନ୍ସରେ ମଧ୍ୟ ବହୁ ଉନ୍ନତି ଆସିଲାଣି । ନୂଆ ନୂଆ ଟେକ୍ନିକ ସହ ଆଜିକାଲି ସବୁ ରୋଗର ଚିକିତ୍ସା ସମ୍ଭବ ହୋଇପାରୁଛି । କିନ୍ତୁ କୁହାଯାଏବିକାଶ ସହ ବିନାଶ ମଧ୍ୟ ସାଥିରେ ଆସେ । ଆଜିକାଲିର ମର୍ଡନ ଯୁଗରେ ଲୋକମାନଙ୍କର ଜୀବନଶୈଳୀଠାରୁ ଆରମ୍ଭ କରି ଖାଦ୍ୟପାନୀୟରେ ମଧ୍ୟ ବହୁ ପରିବର୍ତ୍ତନ ପରିଲିକ୍ଷିତ ହେଉଛି । ସେହିପରି ଯୁଗର ଉନ୍ନତି ସହ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି । ଯାହା ଫଳରେ ବିଭିନ୍ନ ଧରଣର ମାରାତ୍ମକ ଜୀବାଣୁ ଆମ ଶରୀରରେ ପ୍ରବେଶ କରୁଛି । ତେବେ ଆଜି ଆମେ ଆପଣଙ୍କୁ ଜଣାଇବୁ ଏକ ଏପରି ରୋଗ ସମ୍ପର୍କରେ ଯାହାକୁ ଆପଣ ଆଗରୁ କେବେ ଶୁଣିନଥିବେ । ରେବେକା ନାମକ ଏକ ମହିଳା ରେୟର କଣ୍ଡିସନ ସାଇକ୍ଲିକଲ ବୋମେଟିଙ୍ଗ ସିଣ୍ଡ୍ରେମ ରୋଗର ଶିକାର ହୋଇଛନ୍ତି । ଏହା ଏକ ଏପରି ରୋଗ ଯେଉଁଥିରେ ଦିନକୁ ୧୦୦ରୁ ଅଧିକ ଥର ବାନ୍ତି ହୋଇଥାଏ । ସାଧାରଣତଃ ମଣିଷ ପକ୍ଷେ ଦିନକୁ ୨-୩ଥର ବାନ୍ତି ହେଲେ



ଅବସ୍ଥା ସଙ୍କଟାପନ ହୋଇଯାଏ । ତେବେ ଭାବନ୍ତୁ ରେବେକାଙ୍କ ଅବସ୍ଥା କ’ଣ ହେଉଥିବ । ତେବେ ରେବେକା ଯେବେ ଏହି ରୋଗ ସମ୍ପର୍କରେ ଡାକ୍ତରଙ୍କୁ ଜଣାଇଲେ ଡାକ୍ତର କହିଲେ ଏହା ଇନ୍ଫେକସନ ପାଇଁ ଘଟିଛି । କିନ୍ତୁ ସାଧାରଣତଃ ଏହି ଭଳି ଇନ୍ଫେକସନ ଶିଶୁମାନଙ୍କ ସ୍ତରରେ ଘଟିଥାଏ । କିନ୍ତୁ ବୟସ ବୃଦ୍ଧି ସହ ଏହାର ବିକାଶ ଘଟିଥାଏ । ରେବେକାଙ୍କ କ୍ଷେତ୍ରରେ ମଧ୍ୟ ଏହା ହିଁ ଘଟିଥିଲା । ତେବେ ଏହା ପୂର୍ବରୁ ରେବେକା ଏହି ରୋଗରୁ ମୁକ୍ତି ପାଇବା ପାଇଁ ଜର୍ମାନୀ ଯାଇ ସର୍ଜରୀ କରାଯାଇସାରିଛନ୍ତି । ଯାହାଫଳରେ ଧୀରେ ଧୀରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ହେବାରେ ଲାଗିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିରାପଦହୀନ ଏଲଓସି...

ସମଗ୍ର ବିଶ୍ୱ କରୋନା ମହାମାାରୀ ବିରୋଧରେ ଲଢୁଥିବା ବେଳେ ଭାରତୀୟ ସେନାଙ୍କୁ ଆତଙ୍କବାଦୀଙ୍କ ସହ ଲଢ଼ିବାକୁ ପଡୁଛି । କରୋନା ସଂକ୍ରମଣ ବେଳେ ପାକିସ୍ତାନ ସେନାଙ୍କ ପ୍ରତ୍ୟକ୍ଷ ସହାୟତାରେ ଏହି ଆତଙ୍କବାଦୀମାନେ ନିୟନ୍ତ୍ରଣ ରେଖା ଡେଇଁ ଜାମ୍ମୁ କାଶ୍ମୀରକୁ ଅନୁପ୍ରବେଶ ପାଇଁ ପ୍ରୟାସ ଚଳାଇଛନ୍ତି । ସୋମବାର ଦିନ ନୌସେନା ଓ ମେଣ୍ଢର ସେକ୍ଟରରେ ଭାରତୀୟ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୩ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ସେମାନେ ସମସ୍ତେ ପାକିସ୍ତାନୀ ବୋଲି ଜଣାପଡ଼ିଛି । ସୀମା ଆରପଟେ ଆତଙ୍କବାଦଦୀମାନେ ଠୁଳ ହୋଇ ରହିଛନ୍ତି ଓ ପାକିସ୍ତାନୀ ସେନାଙ୍କ ସହାୟତତାରେ ସେମାନେ ଭାରତ (ଜାମ୍ମୁ କାଶ୍ମୀର) ମଧକୁ ଅନୁପ୍ରବେଶ କରିବାକୁ ପ୍ରସ୍ତୁତ ଥିବା ସଂପର୍କରେ ଭାରତୀୟ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ବି.ଏସ.ରାଜୁ ସତର୍କ କରାଇ ଦେଇଥିଲେ । ତାଙ୍କ ସୂଚନା ଅନୁସାରେ, ଏବେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ଆତଙ୍କବାଦଦୀ ତାଲିମ ଶିବିରଗୁଡ଼ିକରେ ଆତଙ୍କବାଦୀମାନେ ଭରପୂର ଅଛନ୍ତି । ସେମାନଙ୍କୁ ପାକିସ୍ତନୀ ସେନା ତାଲିମ ଦେଇଛନ୍ତି ଓ ସେମାନେ ଭାରତ ଭିତରକୁ ଅନୁପ୍ରବେଶ କରି ଉଗ୍ରବାଦୀ କାଣ୍ଡ ଭିଆଇବା ସୁଯୋଗରେ ଅଛନ୍ତି । ପାକିସ୍ତାନର ଏହି ଫର୍ମୁଲା ଏବେ ସମସ୍ତଙ୍କୁ ଜଣାପଡ଼ିସାରିଛି । ଗ୍ରୀଷ୍ମଦିନେ ବରଫ ତରଳିଲେ ତାର ସୁଯୋଗ ନେଇ ପିଓକେ ପଟୁ ଆତଙ୍କବାଦଦୀମାନେ ଜମ୍ମୁ କାଶ୍ମୀରକୁ ଅନୁପ୍ରବେଶ କରିଥାନ୍ତି । ସେମାନଙ୍କୁ ପାକିସ୍ତାନୀ ସେନା ଏ ଦିଗରେ ସବୁପ୍ରକାର ସାହାଯ୍ୟ ସହଯୋଗ କରିଥାଏ । ଏହି ଆତଙ୍କବାଦୀମାନେ ମୁଖ୍ୟତଃ ପାକିସ୍ତାନର କିମ୍ବା କାଶ୍ମୀର ଉପତ୍ୟକାର ପଥଭ୍ରଷ୍ଟ ଯୁବକ । ସେମାନେ ଉପତ୍ୟକାରେ ସାରା ବର୍ଷ ହିଂସାକାଣ୍ଡ ଭିଆଇଥାନ୍ତି । ସେନା ଶିବିର, ପୁଲିସ ଥାନା, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାର ଦପ୍ତର ଅବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରିବା ସେମାନଙ୍କର ଲକ୍ଷ୍ୟ । ଗତ କେଇଦଦିନ ତଳେ ସୁରକ୍ଷା ଯବାନଙ୍କ ସତର୍କତା ଯୋଗୁଁ ପୁଲୱାମା ଘଟଣା ଭଳି ଏକ ବଡ଼ଧରଣର ବିସ୍ଫୋରଣକୁ ଏଡ଼ାଇ ଦିଆଯାଇ ପାରିଥିଲା । ଏବେ କାଶ୍ମୀର ଉପତ୍ୟକାରେ ଆତଙ୍କବାଦୀଙ୍କ ସଂଖ୍ୟା ଓ ହିଂସାକାଣ୍ଡ ଯଥେଷ୍ଟ ମାତ୍ରରେ ହ୍ରାସ ପାଇଛି । ଏହାର କାରଣ, ସେନା ଓ ପୁଲିସ ବଳର ସତର୍କତା । ବିଶେଷକରି ଗତବର୍ଷ ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଓ ଏହାକୁ ଏକ କେନ୍ଦ୍ରଶାସିତ କ୍ଷେତ୍ରରେ ପରିଣତ କରାଯିବା ପରେ ସେଠାରେ ସୁରକ୍ଷାର ବିଶେଷ ପ୍ରବଧାନ କରାଯାଇଛି । ଏପରିକି ସୁରକ୍ଷାବଳଙ୍କ ସହ ଗୁଳିଗୋଳା ବିନିମୟରେ ଅନେକ ଉଗ୍ରବାଦୀ ନିପାତ ହୋଇଛନ୍ତି । ରିୟାଜ ନାଇକୁ, ଜୁନୈକ ଅସ୍ରେଫ ସେରାଇଙ୍କ ଭଳି ହିଜବୁଲ ମୁଜାହିଦ୍ଦିନ କମାଣ୍ଡରମାନଙ୍କ ନିହତ ପରେ ଉପତ୍ୟକା ଏବେ ଆତଙ୍କବାଦୀ ସକାଶେ ନେତୃତ୍ୱଶୂନ୍ୟ ହୋଇପଡ଼ିଛି । ପାକିସ୍ତାନର ପ୍ରଚ୍ଛନ୍ନ ସହାୟତା ଓ ନିର୍ଦ୍ଦେଶରେ ଯେଉଁ ବିଚ୍ଛିନ୍ନତାବାଦୀ ନେତା ଓ ଯୁବକମାନେ ଉପତ୍ୟକାରେ ଗଣ୍ଡଗୋଳ ଓ ହିଂସାକାଣ୍ଡ ଭିଆଉଥିଲେ ସେମାନେ ଏକପ୍ରକାର ନିଶ୍ଚିହ୍ନ ହୋଇପଡ଼ିଛନ୍ତି । ଭାରତ ସରକାର ଓ ଭାରତୀୟ ସେନାଙ୍କ ଏହି କଡ଼ା ଆଭିମୁଖ୍ୟକୁ ପାକିସ୍ତାନ ସହଜରେ ଗ୍ରହଣ କରିପାରୁନାହିଁ । କାଶ୍ମୀରକୁ ଅଶାନ୍ତ ରଖିବା ପାକିସ୍ତାନ ଭାରତ ବିରୋଧୀ ଆଭିମୁଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ଓ ସେ ଦେଶ ସେନାଙ୍କ ପରମ କର୍ତ୍ତବ୍ୟ । ପୁନଶ୍ଚ ଏବେ ସିଧାସଳଖ ଏପରି ହିଂସାରେ ଲିପ୍ତ ନରହି, ଆତଙ୍କବାଦୀ ଜରିଆରେ ପାକିସ୍ତାନ ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ସହ ଛାୟାଯୁଦ୍ଧ ଲଢ଼ିଆସୁଛି । ସାମରିକ ଶାସକ ହୁଅନ୍ତୁ ଅବା ପାକିସ୍ତାନୀ ସେନାଙ୍କ ଛତ୍ରଛାୟା ତଳେ ନିଜ କୁର୍ସିକୁ ବଞ୍ଚାଇ ରଖିଥିବା ଇମ୍ରାନ ଖାନଙ୍କ ପରି ପ୍ରଧାନମନ୍ତ୍ରୀ, ସମସ୍ତେ ଆତଙ୍କବାଦୀଙ୍କ ମସୀହା ପାଲଟିଛନ୍ତି । ତେଣୁ ଏଲଓସି ଆତଙ୍କବାଦଦୀମାନଙ୍କୁ ଠୁଳ କରି ରଖିଛନ୍ତି । ସମୟ ସୁଯୋଗ ଦେଖି ସୀମାପରି କରାଇବା ନିମନ୍ତେ ସେମାନେ ଅପେକ୍ଷାରତ । ପୂର୍ବରୁ ଯାହା ଭାରତକୁ ଦୃଶ୍ୟ ହୋଇପାରୁନଥିଲା, ଏବେ ନିଜର ଗୁଇନ୍ଦା ଉପଗ୍ରହ ଜରିଆରେ ଭାରତୀୟ ସେନାଙ୍କୁ ତାହା ଜଳଜଳ ହୋଇ ଦୃଶ୍ୟମାନ । ତେଣୁ ସୀମାନ୍ତର ପହରା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି ଭାରତ । ଏହା କେବଳ ଆତଙ୍କବାଦୀଙ୍କ ଅନୁପ୍ରବେଶ ଅବା ନିପାତ ଲାଗି ଉଦ୍ଦିଷ୍ଟ ନୁହେଁ । ଅପରନ୍ତୁ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ମଧ ଜାରୁରୀ । ଏକ ଅବିଶ୍ୱସ୍ତ ପ୍ରତିବେଶୀ ସହ ଅବସ୍ଥତାନ କରିବାର ଏହା ହୁଏତ ଏକମାତ୍ର ଉପାୟ ।




## ଆବେଗର ରକ୍ତଜବା

**ଶାନ୍ତନୁ କୁମାର ସର**

ମୋ କବିତାର ଶବ୍ଦ ସବୁ
ଆବେଗର ଆବର୍ତ୍ତରେ
ଖିନ୍ ଭିନ୍ ହୋଇଗଲା ପରେ
ପାଣ୍ଡୁରର ପାଣ୍ଡୁଲିପି ପଂକ୍ତି ସବୁ

କାଗଜର ଡଙ୍ଗା ହୋଇ ଭାସିଗଲା ପରେ
ଅବିଶ୍ରାନ୍ତ ଶ୍ରାବଣୀ ଲୁହରେ,
ସେ ଶବ୍ଦ ସବୁ ମନ୍ତ୍ର ହୋଇ
ଗୁଞ୍ଜରିତ ହେଉଥିବେ ତୁମ

ଆରକ୍ତ କମ୍ପିତ ଓଠରେ,
ଆଉ ରୋମାଞ୍ଚିତ କରୁଥିବେ
ସ୍ୱପ୍ନ ଭିଜା ବିନିଦ୍ର ପ୍ରହର ।

ମୋ ଦେହରୁ ପର୍ଫ୍ୟୁମ୍ ର
ମତୁଆଲା ମାଦକତା,
ଅସହିଷ୍ଣୁ ପବନରେ ହଜିଗଲା ପରେ
ସେଇ ଭୁରୁ ଭୁରୁ ସୁଗନ୍ଧରେ
ଭିଜୁଥିବ ତୁମ ସଭା, ମଗ୍ନ ନିର୍ଜ୍ଜନତା

ତୁମେ ଥିବ ଏକାନ୍ତ ବାସରେ
ମଧୁକ୍ଷରା ଆକାଶରୁ ଝରୁଥିବ
ମଧୁପର୍କ, ସ୍ମୃତି ଆଉ ସ୍ୱପ୍ନ ସବୁ
ମଧୁର ଲଗ୍ନରେ ।

ମୋର ଉତପ୍ତ ନିଶ୍ୱାସ ଆଉ
କାମନା ବାସନା ଦୀର୍ଘକାୟ
ଦୀର୍ଘଶ୍ୱାସ ହୋଇଗଲା ପରେ

ଶୋଣିତ ସ୍ୱପ୍ନ ସବୁ ହଜିଗଲା ପରେ
ମରୀଚିକା ମାୟାବୀ ଜଳରେ
ସେ ଅମୋକ୍ଷ ଆବେଗ ସବୁ ସୃଜିଥିବେ
କାମନାର ଇନ୍ଦ୍ରଧନୁ ତୁମ ଅଗଣାରେ

ଅବା ରକ୍ତଜବା ହୋଇ ଫୁଟିଥିବେ
ଆରକ୍ତ ପାଖୁଡ଼ାରେ, ଲେଖିଥିବେ
ପ୍ରେମ ଓ ପ୍ରଣୟର ବିଦେହ ସ୍ୱାକ୍ଷର ।


+ ଅବସରପ୍ରାପ୍ତ ଅଧକ୍ଷ
ଅନୁଗୋଳ କଲେଜ, ଅନୁଗୋଳ


# କଳିକାଳ ପରେ ମହାକଳିକାଳ : କରୋନା କରାଳ

**ମାୟାଧର ନାୟକ**



ଏବେ ମହାକଳିକାଳ ସମାଗତ । ଯେଉଁ ଅନାଗତ ଅବତାର କଲ୍କୀ ବୃତାନ୍ତ ଆମେ ସବୁ ଏଯାବତ୍ ଶୁଣିଆସିଥିଲେ- ଏ ଅବତାର ଏବେ ପ୍ରତ୍ୟେକ ବିବେକି ମଣିଷ ମ୍ନରେ କାୟା ପ୍ରବେଶ କରିସାରିଲାଣି । ଏ ଅପ୍ରକଟ କଲ୍କୀର ଆୟୁଧ ଆଉ ବାରହାତୀ ଖଣ୍ଡା ନୁହଁ, ବରଂ ତା'ର ବଜ୍ରମୁଷ୍ଟିରେ ମୃତ୍ୟୁଭୟକୁ ବିଜୟ କରିବାର କଠୋର ସଂକଳ୍ପ । ଏହି କଠୋର ସଂକଳ୍ପରେ ଏବେଠୁଁ ମଣିଷର ଶତ୍ରୁ ଆଉ ମଣିଷ ନୁହେଁ- ଜାତିର ଶତ୍ରୁ ଆଉ ବିଜାତିୟ ନୁହେଁ- ଦେଶର ଶତ୍ରୁ ଆଉ ବିଦେଶ ନୁହେଁ, ବରଂ ଦେଶ, ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସଂକଳ୍ପବଦ୍ଧ ନବମାନବର ଭୟାବହ କରୋନା ଭୂତାଣୁ ବିରୁଦ୍ଧରେ ମରଣପଣ ମୁକ୍ତିଯୁଦ୍ଧ ଘୋଷଣା । ଏହି ଯେଉଁ ନୂତନ ଯୁଦ୍ଧ ଏବେ ତମାମ୍ ଦୁନିଆକୁ ଅଭିମନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଜନ୍ମ ନେଇଛି, ତାହା ଦ୍ୱାରା ଯୁଦ୍ଧର ସଂଜ୍ଞା ପୁରାପୁରି ବଦଳି ଯାଇଛି । ଏ ଯୁଦ୍ଧ ଶିବିର ନୁହେଁ, ପ୍ରତ୍ୟେକ ମଣିଷର ଘରୁ ନିଜର ଶଙ୍ଖନାଦ ଶୁଣାଇବାକୁ ପ୍ରସ୍ତୁତ । ଏ ଯୁଦ୍ଧ ବନ୍ଧୁକ ବିରୁଦ୍ଧରେ ବୋମାର ଜବାବ ନୁହଁ- କି କ୍ଷେପଣାସ୍ତ୍ର ବିରୁଦ୍ଧରେ ପରମାଣୁର ସ୍ପର୍ଦ୍ଧା ପ୍ରଦର୍ଶନ ନୁହେଁ । ଏ ଯୁଦ୍ଧର ଅସଲ ସିପାହୀମାନେ ହେଉଛନ୍ତି- ପୃଥିବୀର ବିଭିନ୍ନ ପ୍ରାନ୍ତରେ ଚିକିତ୍ସା ଜଗତର ଅଙ୍ଗିକାରବଦ୍ଧ ଡାକ୍ତର, ନର୍ସ ଓ ଅସଂଖ୍ୟ ସେବାକାରୀମାନେ । ବୈଜ୍ଞାନିକମାନେ ଦିନରାତି ଏକାଠି କରିଦେଇ ଏକା ଏକା ମଣିଷମାନଙ୍କୁ ଆଜି ଅନ୍ଧକାରମୁକ୍ତ ଏକ ମହାଜୀବନପଥ ନିର୍ଦ୍ଦେଶ ନିମନ୍ତେ ବଦ୍ଧପରିକର ।

ବିପର୍ଯ୍ୟୟ କେବଳ ଓଡିଶାରେ ନୁହେଁ, ସମଗ୍ର ବିଶ୍ୱରେ କାୟା ବିସ୍ତାର କରିଛି । ବିପଦରୁ ସଂପଦ ଖୋଜିବା ହେଲା ବିଶ୍ୱବାସୀଙ୍କ ଚିନ୍ତା । ବିଶ୍ୱବାସୀ ଆଶା ରଖିଛନ୍ତି- କରୋନା ବିରୁଦ୍ଧରେ ଲଢି ବିଜୟଲାଭ କରିବେ । ପ୍ରାକୃତିକ ବିପର୍ଯ୍ୟୟ ହେଉ କି ମନୁଷ୍ୟକୃତ ବିପର୍ଯ୍ୟୟ ହେଉ, ଏହି ମଣିଷ ହଜାର ହଜାର ବର୍ଷଧରି ସବୁ ଅଙ୍ଗେ ଲିଭେଇ ଆସିଛି । ଜୀବଜଗତରେ ଜନ୍ମ ହେଲେ ମୃତ୍ୟୁ ଅବଧାରିତ । ଜନ୍ମରେ ଆନନ୍ଦ, ମୃତ୍ୟୁରେ ଦୁଃଖ, ଏ ସବୁ ଖେଳାଲୀଳା ଲାଗିରହିଛି । ସ୍ୱଭାବିକ ମୃତ୍ୟୁ ଅଲଗା କଥା । ଅସ୍ୱାଭାବିକ ମୃତ୍ୟୁ ହେଲେ ଛାନିଆ ପଶିଯାଏ । ପ୍ରତି ମୁହୂର୍ତ୍ତରେ କରୋନା ମହାମାରୀ ସାରା ବିଶ୍ୱରେ ତା'ର କାୟା ବିସ୍ତାର କରିଚାଲିଛି । ବୈଜ୍ଞାନିକ ଓ ଡାକ୍ତରମାନେ ପ୍ରତିଶୋଧକ ଉପାୟ ବାହାର କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ସ'ଳ ହେବାପାଇଁ ସମସ୍ତେ ଆଶା ରଖିଛନ୍ତି । ଆଜି ଟିଭି, ରେଡିଓ, ଖବରକାଗଜ ଦେଖିଲେ, ଶୁଣିଲେ, ପଢିଲେ କରୋନା ମହାମାରୀ ଛଡା ଆଉ ଯେପରି ସମ୍ବାଦ ନାହିଁ । ସବୁବେଳେ ନକରାତ୍ମକ ସମ୍ବାଦ ମନରେ ଭୟଜାତ କରିବା ସ୍ୱଭାବିକ । ଇତିହାସରେ ବହୁ ମହାମାରୀ, ଯୁଦ୍ଧ, ମହାଯୁଦ୍ଧକୁ ଆଜିର କରୋନା ବିରୁଦ୍ଧରେ ମହାଯୁଦ୍ଧ ବଳି ପଡିଲାଣି । ମନେହୁଏ ଯୁଦ୍ଧ ଓ ମହାମାରୀରେ ସମୟସୀମା ଥାଏ, କରୋନା ମ୍ନ ତା'ର ଖେଳାଲୀଳା ସାରି ବିଦାୟ ନେବ । ପ୍ରତ୍ୟେକଙ୍କୁ ଏକୁଟିଆପଣ ଘାରିଛି । କର୍ଫ୍ୟୁ, ସଟ୍-ଡାଉନ୍, ଲକ୍-ଡାଉନ୍ ଓ ଏମରଜେନ୍ସୀ ଘୋଷଣା ହେଲେ ବି ଅଣୁ ଠାରୁ ଆହୁରି କ୍ଷୁଦ୍ରାତି କ୍ଷୁଦ୍ର ଭୂତାଣୁ କରୋନା ଅଦୃଶ୍ୟ । କେତେବେଳେ କାହାକୁ ଆକ୍ରମଣ କରୁଛି, ଜୀବନ ନେଇଯାଉଛି ।

ବିଶ୍ୱବାସୀ ଗୃହବନ୍ଦୀ ଥିବାବେଳେ ସବୁବେଳେ ମନରେ ନକରାତ୍ମକ ଭାବନା ଦେଖାଦେଇଛି । ଏଠାରେ କେହି କାହାକୁ ଉପଦେଶ ଦେବାର ବେଳ ନୁହେଁ । ଡାକ୍ତର, ବୈଜ୍ଞାନିକ ଓ ସରକାରମାନଙ୍କ କଥା ବେଶି ଶୁଣନ୍ତୁ । ରୋଗ ଓ ଭୋକକୁ ମୁକାବିଲା କରନ୍ତୁ । ଯେଉଁଠି ରୋଗ ଓ ଭୋକ ନଥିବ, ସେଇଭଳି ପୃଥିବୀ ଆମର ଦରକାର । ରୋଗ, ଭୋକ ଏ ଧରଣୀ ବକ୍ଷରୁ ପୋଛି ଦେବାକୁ ସମସ୍ତେ ଚାହିଁବା ଆବଶ୍ୟକ । ଆମ ପ୍ରିୟ ବିଶ୍ୱର ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶବ୍ଦ ରୋଗ ଓ ଭୋକକୁ ମଣିଷ ଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ । ରୋଗ ଓ କ୍ଷୁଧା ବିରୁଦ୍ଧରେ ବିଶ୍ୱବାସୀଙ୍କର ମିଳିତ ଯୁଦ୍ଧ ଏକାନ୍ତ ଆବଶ୍ୟକ । ସତ୍ୟ, ତ୍ରେତୟା, ଦ୍ୱାପର, କଳିକାଳରେ ଯେତେ ଯୁଦ୍ଧ ହୋଇଯାଇଛି- ଶତ୍ରୁକୁ ଜାଣି ହେଉଥିଲା– କିନ୍ତୁ ଏ ମହାକଳିକାଳରେ କରୋନା ଭଳି ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ମଣିଷର ମହାଯୁଦ୍ଧ ଆରମ୍ଭ ହୋଇଯାଇଛି । କଳିଯୁଗ ସଂପର୍କରେ ଉଣାଅଧିକେ ସମସ୍ତେ ଜାଣନ୍ତି । ସେଇ କଳିଯୁଗର ଶେଷ ଦୃଶ୍ୟ ମହାକଳିକାଳ । ଯୁଦ୍ଧ ଏବେ ଆଖିକି ଦେଖାଯାଉଥିବା ଶତ୍ରୁ ବିରୁଦ୍ଧରେ ନୁହେଁ- ଅଦୃଶ୍ୟ ଭୂତାଣୁ ବିରୁଦ୍ଧରେ । ସମ୍ପ୍ରତି ଅର୍ଥନୀତି, ସାମାଜିକ ସ୍ଥିତି ସଂପୂର୍ଣ୍ଣ ବିଗିଡି ଯାଇଛି । ୨୦୦୮-୦୯ରେ ହୋଇଥିବା ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ବିଶ୍ୱବାସୀଙ୍କୁ ତଳିତଳାନ୍ତ କରିଦେବାପରେ କିଛିଟା ସୁଧାରି ଯାଉଥିଲା । ୨୦୨୦ରେ ସମଗ୍ର ବିଶ୍ୱର ଅର୍ଥନୀତି ଧ୍ୱଂସ ଆଡକୁ ଗତି କରୁଛି । ସେଥିରୁ ମୁକୁଳି ନ ପାରିଲେ ସମଗ୍ର ବିଶ୍ୱରେ ଦୁର୍ଭିକ୍ଷ୍ୟ ଅବସମ୍ଭାବିକ୍ ହୋଇପଡିବ । ଅଧିକାର ଓ ଅଙ୍ଗିକାର- ଏହି ଉଭୟ ଅବବୋଧରୁ ଏବେବି ବହୁ ଦୂରବର୍ତ୍ତି ବିଶ୍ୱ ଭାବବୋଧ । କଥାକଥିତ ଗିଲୋଟିନ୍‌ରେ ଅହୋରାତ୍ର ଜର୍ଜରିତ ଆମର ଜୀବନତନ୍ତ୍ର । ଜଘନ୍ୟ ଓ ଦାନ୍ତବ ହୋଇପଡିଛି ଆମ ଜୀବନଶୈଳୀ । ଏଠାରେ ଏକ ଉଦାହରଣ ଦିଆଯାଇପାରେ ଯେ- ମାଇକେଲ୍ ଜାକ୍‌ସନ୍, ଯାହାର ସଂଗୀତର ମୂର୍ଚ୍ଛନାରେ ସାରା ବିଶ୍ୱ ମତୁଆଲା ହୋଇଯାଇଥିଲା । ଅଜସ୍ର ଅର୍ଥ ଉପାର୍ଜନ କରୁଥିଲେ । ହଠାତ୍ ତାଙ୍କ ମୁଣ୍ଡକୁ ଏକ ଅଜବ ଚିନ୍ତା ପ୍ରବେଶ କଲା । ସେ ୧୫୦ ବର୍ଷ ବଂଚିବେ । ନିଜ ଘରେ ପାଦଠୁଁ ମୁଣ୍ଡବାଳ ପର୍ଯ୍ୟନ୍ତ ସବୁ ରଖିଥିଲେ । ସେ କଳା ଥିବାରୁ ୧୯୮୭ ମସିହାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇଲେ । ନିଜର କଳା ବାପ, ମା'କୁ ଛାଡି ଭଡାରେ ଗୋରା ବାପ, ମା' ରଖିଲେ । ପ୍ଲାଷ୍ଟିକ୍ ସର୍ଜରୀ ଯୋଗୁଁ ଅକ୍ସିଜେନ୍ ବେଡ୍‌ରେ ଶୋଉଥିଲେ । ମେଡିସିନ୍ ଖାଇଖାଇ ଦେହ ଅବଶ ହୋଇପଡିଲା । ଶେଷରେ ୨୫ ଜୁନ୍ ୨୦୦୯ରେ ୫୦ ବର୍ଷରେ ମରିଗଲେ । ସାରା ସହରର ଡାକ୍ତର ଜମାହେଲେ । କେହି ଆଉ ତାଙ୍କୁ ବଂଚାଇ ପାରିଲେନାହିଁ । ଏଠାରେ ଜାକ୍‌ସନ୍‌ଙ୍କର ଅର୍ଥ, ସମ୍ପତି କିଛି କାମ ଦେଲାନି । ମଣିଷ ବିରୁଦ୍ଧରେ ମଣିଷର ଯୁଦ୍ଧ ବିପର୍ଯ୍ୟୟର ଆୟ ଗୁଡିକୁ ଇତିହାସରେ 'ର୍ଦ୍ଦ ଉପରୁ ପୋଛିଦେଇ ଭୂତାଣୁ ଓ ଭୌତିକ ଜୀବନର କାମନା-ବାସନା ବିରୁଦ୍ଧରେ ମହାଯୁଦ୍ଧର ଅୟମାରମ୍ଭ କରିବାର ଆୟୋଜନ କରନ୍ତୁ ।


+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ ବନାମ ବଚନେ କିଂ ଦରିଦ୍ରତା

**ଗୋପାଳ ମହାପାତ୍ର**

ଦେଶରେ ଦେଖାଦେଇଥିବା କୋରେନା ମହାମାରୀର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥୀକ ପ୍ୟାକେଜ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଏକଥା ମ୍ନ କହିଛନ୍ତି ଯେ ୨୦ଲକ୍ଷ କୋଟି ମ୍ନରେ କୋରେନା ସମୟରେ ପୂର୍ବରୁ ଘୋଷଣା କରାଯାଇଥିବା ସମସ୍ତ ପ୍ୟାକେଜ ସାମିଲ। କିନ୍ତୁ ଏକଥା ସ୍ପଷ୍ଟ କରିନାହାଁନ୍ତି ଯେ ଏହି ପ୍ୟାକେଜ ପାଇଁ ଏତେ ଟଙ୍କା ଆସିବ କେଉଁଠୁ? ବିରୋଧି ଦଳମାନେ ଏହାକୁ ଫମ୍ପା ପ୍ରଗ୍ୱର ବୋଲି କହି ଅନେକ ପ୍ରଶ୍ନ ଉଠାଉଛନ୍ତି। ଭାରତକୁ ଆତ୍ମନିର୍ଭରଶୀଳ କରାଯିବା ଏହି ପ୍ୟାକେଜର ଉଦ୍ଦେଶ୍ୟ ବୋଲି ମ୍ନ କହିଛନ୍ତି ପ୍ରଧାନମନ୍ତ୍ରୀ। ସ୍ୱେଦେଶୀ କଥାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ମ୍ନ ଦେଇଛନ୍ତି। କଥା ହେଉଛି କୋରେନା ର ପ୍ରଭାବ ଓ ଲକ୍‌ଡାଉନ କାରଣରୁ ବିଶ୍ୱର ସମସ୍ତ ଦେଶ ଏବେ ଆର୍ଥୀକ ଅବ୍ୟବସ୍ଥା ଦେଇ ଗତିକରୁଛନ୍ତି ଓ ଗ୍ଲୋବଲାଇଜେସନ (ବୈଶ୍ୱିକରଣ) ଏବେ ସଙ୍କଟର ସମ୍ମୁଖୀନ। ଅନ୍ୟପକ୍ଷରେ ଏଯାଏ କୋରେନା ପାଇଁ ଟୀକା ବା ଔଷଧ ଆବିଷ୍କାର ହୋଇପାରିନଥିବା କାରଣରୁ ଏହି ସଙ୍କଟ କେତେ ଦିନ ପର୍ଯ୍ୟନ୍ତ ଲାଗିରହିବ ସେ ନେଇ ନିର୍ଦ୍ଦିଷ୍ଟତା ନାହିଁ।

ପ୍ରଧାନମନ୍ତ୍ରୀ ସିନା ଆତ୍ମନିର୍ଭରତା କଥା କହିଦେଲେ ହେଲେ ଏହି ଆତ୍ମନିର୍ଭରତାର ସଫଳ ରୁପାୟନ ହେବ କେମିତି? କହିଦେଲେ ତ ଏହା ହୋଇଯାଇପାରିବ ନାହିଁ ଏଥିପାଇଁ ବ୍ୟବହାରିକ ଯୋଜନା ପ୍ରଣୟନ କରାଯିବା ସହିତ ଏହାକୁ ସଫଳ କରାଯିବା ପାଇଁ ଉଦ୍ୟମ ଦରକାର। କିନ୍ତୁ ଭାରତର ଲୋକେ ଏବେ ସକାଳୁ ଉଠିବା ଠାରୁ ପୁଣି ରାତି ଶୋଇବା ପର୍ଯ୍ୟନ୍ତ ବିଦେଶୀ କମ୍ପାନୀଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷକୁ ଅଧିକ ଭାବରେ ବ୍ୟବହାର କରୁଛନ୍ତି। ଦାଢ଼ିକଟା ରେଜର ଠାରୁ ଆରମ୍ଭ କରି ସାବୁନ, ବ୍ରଶ ଏବଂ ପେଷ୍ଟ ପର୍ଯ୍ୟନ୍ତ ସବୁ ଜିନିଷ ବିଦେଶୀ। ଗତାଗତ ପାଇଁ ଯେଉଁ ସାଧନ ବ୍ୟବହାର କରୁଛନ୍ତି ସେଥିମ୍ନରୁ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ଲୋକଙ୍କୁ ଶସ୍ତା ମୂଲ୍ୟରେ କାର ଯୋଗାଇ ଦେବା ପାଇଁ ତାଙ୍କ ପୁତ୍ର ସଞ୍ଜୟ ମାରୁତି କମ୍ପାନୀକୁ ପଞ୍ଜିକୃତ କରାଇଥିଲେ। ଏହି ମାରୁତି କମ୍ପାନୀ ଏବେ ଅଧିକ ମୋଟର ଯାନ ନିର୍ମାଣ କରୁଛି କିନ୍ତୁ ଭାରତୀୟ ଅବଧାରଣା ଓ କ୍ଷମତାର ବଳରେ ନୁହେଁ ଜାପାନର ସୁଜୁକି କମ୍ପାନୀ ସହ ବୁଝାବଣା କରି। ବାହ୍ୟ ଔଦ୍ୟୋଗିକ ଶକ୍ତିମାନଙ୍କର ଏବଂ ସାମର୍ଥ୍ୟର ଲାଭ ଉଠାଇ ନିଜକୁ ମଜଭୁତ କରିବା ଦିଗରେ ଏପର୍ଯ୍ୟନ୍ତ ବହୁରାଷ୍ଟ୍ରିୟ କମ୍ପାନୀମାନଙ୍କ ସହ ହୋଇଥିବା ବୁଝାବଣା ହିଁ ହେଉଛି ଆମର ଆଧାର। ଏହି ଆଧାର ଏବଂ ତାର ସଫଳତା ବାବଦରେ ଆମେ ଯେତେ ପ୍ରଶଂସା କରୁ ନା କାହିଁକି ସ୍ଥିତି ଏମିତି ହୋଇଛି ଯେ ପୂର୍ବରୁ ମୋଚିମାନେ ଚମଡ଼ାରେ ଯେଉଁ ଯୋତା ପ୍ରସ୍ତୁତ କରୁଥିଲେ ତାହା ଆଉ ଦେଖିବାକୁ ମିଳୁନାହିଁ। ଏବେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଚମଡାର ବିକଳ୍ପ ଦ୍ରବ୍ୟରେ ଉତ୍ପାଦିତ ଯୋତା ଲୋକଙ୍କର ଅଧିକ ପସନ୍ଦ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଲଘୁ, ମ୍ନମ ଏବଂ କୁଟୀର ଶିଳ୍ପ କଥା କହିଛନ୍ତି। କିନ୍ତୁ ଏସବୁ ଶିଳ୍ପ ଏବେ ରୁଗ୍‌ଣ ଅବସ୍ଥାରେ। ବୃହତ୍ ଉଦ୍ୟୋଗମାନଙ୍କର ମନମାନି ଏବଂ ସରକାରଙ୍କର ନିର୍ଦ୍ଦିଷ୍ଟ ଉତ୍ପାଦନ ନୀତି ନଥିବା କାରଣରୁ ଏହି ଶିଳ୍ପଗୁଡ଼ିକ ତିଷ୍ଠିପାରୁ ନାହାଁନ୍ତି। ହାତବୁଣା ଲୁଗାର ଗ୍ରହିଦା ମ୍ନ କମିଗଲାଣି। ତାର କାରଣ ହେଉଛି ମେସିନ୍ ବୁଣା ଲୁଗା ଠାରୁ ହାତବୁଣା ଲୁଗାର ମୂଲ୍ୟ ଢ଼େର ଅଧିକ। ବଡ଼ ବଡ଼ ଶିଳ୍ପ ସଂସ୍ଥାମାନେ ଏକାଧିକାର ରଖିବା ପାଇଁ ଉଦ୍ୟମ କରିବା ତଥା ଲଘୁ, ମ୍ନ ଓ କୁଟୀର ଶିଳ୍ପ ସ୍ଥାପନ କରିଥିବା ଲୋକଙ୍କୁ ପ୍ରୋତ୍ସାହନ ନମିଳିବା ଏପରିକି ଏମାନଙ୍କ ପାଖରେ ପୁଞ୍ଜିର ଅଭାବ ଦେଖାଯିବା କାରଣରୁ ଏମାନେ ବଜାରରେ କମ୍ପିଟେସନ (ପ୍ରତିସ୍ୱର୍ଦ୍ଧା)ରେ ତିଷ୍ଠି ପାରୁନାହାଁନ୍ତି। ଯଦିଓ ଅନେକ ସମୟରେ ଛୋଟ ଉଦ୍ୟୋଗମାନଙ୍କୁ ବିକଶିତ କରାଯିବା କଥାକୁ ନେଇ ଚର୍ଚ୍ଚା ହେଉଛି ହେଲେ ଠୋସ୍ ଫଳାଫଳ କିଛି ମିଳୁନାହିଁ।

ଏବେ ଦେଶରେ ବେରୋଜଗାରୀ ବଢ଼ିଛି। ଏ ସମସ୍ୟାରୁ ଦେଶ ମୁକୁଳିବ କେମିତି? ମହାତ୍ମା ଗାନ୍ଧୀ ଯେଉଁ ଗ୍ରାମ ସ୍ୱରାଜ ଏବଂ ଆତ୍ମନିର୍ଭରତା କଥା କହୁଥିଲେ ସେ କଥା ତ କେବେ ଠାରୁ ସମସ୍ତେ ଭୁଲିଯାଇଛନ୍ତି। ସ୍ୱାଧିନତା ଆନ୍ଦୋଳନର ଅଂଶ ବିଶେଷ ଥିଲା ଖଦୀ ଓ ଗ୍ରାମୋଦ୍ୟୋଗ। କିନ୍ତୁ ଏବେ ଏହାର ସ୍ଥିତି ନଗଣ୍ୟ। ସରକାରୀ ସହାୟତା ବିନା ଏହି ସଂସ୍ଥା ସବୁ ତିଷ୍ଠି ରହିବା ଏକ ପ୍ରକାର ଅସମ୍ଭବ। ଏପରି ସ୍ଥିତିରେ କେମିତି ଆଶା କରାଯିବ ଯେ କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପମାନଙ୍କର ବିକାଶ ହେବ ଓ ସେମାନେ ବଜାରରେ ନିଜର ସ୍ଥିତି ଜାହିର କରିପାରିବେ। ସ୍ଥିତି ହେଉଛି କଞ୍ଚାମାଲର ସଂଗ୍ରହଣ, ସଂସାଧନ ଯୋଗାଡ଼ ଏବଂ ଉତ୍ପାଦନ କରିବାର କ୍ଷମତା ବା ସୁବିଧା କୁ ବୃଦ୍ଧି କରିବା ପରିବର୍ତ୍ତେ ଏବେ ଏହା କମିବାରେ ଲାଗିଛି। ଏସବୁ ସଂସ୍ଥାରୁ ଉତ୍ପାଦିତ ଦ୍ରବ୍ୟର ବିକ୍ରୀ ମ୍ନ ହ୍ରାସ ପାଇବାରେ ଲାଗିଛି।

ଲକ୍‌ଡାଉନ ସମୟର ସ୍ଥିତି ହେଉଛି ଯିଏ ଯେଉଁଠି ଅଛି ବା ଯେଉଁ ଅବସ୍ଥାରେ ଅଛି ତାକୁ ସେଠି ରହିବାକୁ ଦିଅ। ସମର୍ଥ ଏବଂ ଅସମର୍ଥ ଉଭୟ ତତ୍ୱଙ୍କ ପ୍ରସଙ୍ଗରେ ଆଲୋଚନା ବା ବିମର୍ଷ ନକରି ସରକାର ହଠାତ୍ ଲକ୍‌ଡାଉନ କଥା ଘୋଷଣା କରିଦେଲେ। ଲକ୍‌ଡାଉନ କାରଣରୁ ରୋଜଗାର ହରାଇଲେ ଅନେକ ଲୋକ। ଅବସ୍ଥା ଏମିତି ହେଲା ଯେ ରୋଜଗାର ହରାଇ ଗାଁକୁ ଫେରୁଥିବା ଶ୍ରମିକମାନଙ୍କୁ ରାସ୍ତାରେ ମ୍ନ ମୃତ୍ୟୁବରଣ କରିବାକୁ ପଡ଼ିଲା। ସରକାର ଆର୍ଥୀକ ପ୍ୟାକେଜ ଘୋଷଣା କଲେ ହେଲେ ଏହି ପ୍ୟାକେଜ ରେ ଗ୍ରାମାଞ୍ଚଳର ସାଧନହୀନ ବେରୋଜଗାର ଲୋକଙ୍କୁ କେମିତି ସାମିଲ କରାଯିବ ସେ ବାବଦରେ କୌଣସି ବ୍ୟବହାରିକ ଯୋଜନା ନାହିଁ। ସରକାରୀ ସ୍ତରରେ କୌଶଳ ବିକାଶ ଯୋଜନା ତ କାର୍ଯ୍ୟକାରୀ ହେଉଛି କିନ୍ତୁ ତାର ସହର ଆଧାରିତ। ପ୍ରାୟତଃ ଅଣକୁଶଳୀ ଶ୍ରମିକ ଗାଁରେ ରୁହନ୍ତି। ଏମାନଙ୍କ ମ୍ନରୁ ଅଧିକାଂଶ ମ୍ନ ଭୂମିହୀନ ଏବଂ ସାଧନହୀନ ମ୍ନ। ଏମାନଙ୍କ ପାଇଁ ସରକାର କରିଥିବା ମନରେଗା ଯୋଜନାରେ ୧୦୦ଦିନର କାମ ମିଳୁଛି ହେଲେ ଏହି କାର୍ଯ୍ୟ ଅବଧିକୁ ୨୦୦ଦିନ କରିବା ପାଇଁ ହେଉଥିବା ଦାବିକୁ ସରକାର ଗ୍ରହଣ କରିପାରୁନାହାଁନ୍ତି। ଦେଶର ଅଧିକ ଲୋକ କୃଷି ଓ କୃଷି ଆଧାରିତ ବ୍ୟବସାୟ ସହ ଜଡ଼ିତ ଏବଂ କୃଷକମାନଙ୍କ ମ୍ନରୁ ଅନେକଙ୍କ ସ୍ଥିତି ମ୍ନ ସ୍ୱଚ୍ଛଳ ନୁହେଁ। ସରକାର ଏମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୌଣସି ସୁଫଳ ମିଳୁନାହିଁ ବରଂ କୃଷକଙ୍କ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି।

ସ୍ପଷ୍ଟ ଭାବେ କହିବାକୁ ଗଲେ ସ୍ଥିତି ଯାହା ସେ ଦୃଷ୍ଟିରୁ କ୍ଷୁଦ୍ର, ମ୍ନମ ଏବଂ କୁଟୀର ଶିଳ୍ପର ବିକାଶ କରିବାକୁ ହେଲେ ଏକ ନୂଆ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ସର୍ବୋପରି ଶ୍ରମିକ, ବେରୋଜଗାରୀ ଙ୍କ କଥା ଚିନ୍ତାକରିବା ସହିତ କୃଷକଙ୍କ କଥାକୁ ମ୍ନ ଅଗ୍ରାଧିକାର ଦିଆଯିବା ଉଚିତ୍। ଏବେ ବିଶ୍ୱର ପ୍ରାୟ ୧୦୦ରୁ ଅଧିକ ଦେଶରେ ଥିବା ଭାରତୀୟମାନେ ନିଜ ଦେଶକୁ ଫେରିବାକୁ ଆଗ୍ରହୀ। ସେମାନେ ସେ ସବୁ ଦେଶ କୁ ରୋଜଗାର ପାଇଁ ଯାଇଥିଲେ କିନ୍ତୁ ଏବେ ସେଠାରେ ନିଜକୁ ସୁରକ୍ଷିତ ମଣୁନଥିବାରୁ ଫେରିବାକୁ ଗ୍ରହୁଁଛନ୍ତି। ସେମାନଙ୍କୁ ଭାରତ ଫେରାଇ ଆଣିବା ପରେ ଦେଶକୁ ସେମାନଙ୍କ ବୋଝ ଉଠାଇବାକୁ ପଡ଼ିବ ଯେଉଁଥିପାଇଁ ମୁସ୍କିଲ ବଢ଼ିବ। କିନ୍ତୁ ବିଡ଼ମ୍ବନା ଯେ ସରକାର ପ୍ରକୃତ ଅବସ୍ଥାକୁ ବୁଝିବା ପାଇଁ ଚେଷ୍ଟା କରୁନାହାଁନ୍ତି। ଏକ ରାଜନୈତିକ ସଂଦେଶ ଦିଆଯାଉଛି ଯେ ଆମେ ଆମେରିକା ଜାପାନ ସହ ସାମିଲ ହେବାକୁ ଯାଉଛେ। କିନ୍ତୁ ଦେଶରେ ଏବେ ଯେଉଁ ଆର୍ଥୀକ ପରିସ୍ଥିତି ସୃଷ୍ଟି ହୋଇଛି ଏପରିକି ଶୁନ୍ ବୃଦ୍ଧିହାର ଆଡ଼କୁ ବଢୁଥିବା ଅର୍ଥବ୍ୟବସ୍ଥା କୁ ସୁଧାରିବା ଦିଗରେ ସରକାର ପ୍ରୟାସ କରିବା ସର୍ବାଦୌ ଆବଶ୍ୟକ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପଞ୍ଚମ ପର୍ଯ୍ୟାୟରେ ଆର୍ଥୀକ ପ୍ୟାକେଜ ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି ତାକୁ ଦେଖିଲେ ସ୍ପଷ୍ଟ ଯେ ଏହାର ଲାଭ ପାଇବେ ଆଡ଼ାନୀ, ଆମ୍ବାନୀ, ହିଣ୍ଡାଲ୍‌କୋ, ଟାଟା ପାୱାର ଭଳି କେତେକ ସଂସ୍ଥା। ପ୍ରଧାନମନ୍ତ୍ରୀ ମେ ମାସ ୧୨ ତାରିଖରେ ୨୦ଲକ୍ଷ କୋଟିର ଘୋଷଣା କରିଛନ୍ତି ତାର ପ୍ରକୃତ ରୁପରେଖ କ'ଣ? ବର୍ତ୍ତମାନ ସ୍ଥିତିରେ ଲୋକେ ଯେଉଁ ଅସୁବିଧାରେ ଅଛନ୍ତି ସେଥିରୁ ମୁକୁଳିବା ପାଇଁ ୨ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବାକି ଆତ୍ମନିର୍ଭରତାର ପ୍ରଭାବ ଆସନ୍ତା କେଇ ମାସ ବା କେଇ ବର୍ଷରେ ନିଜରକୁ ଆସିବ। ଫବଚନେ କିଂ ଦରିଦ୍ରତା' ଅର୍ଥାତ୍ କଥା କହିବାର କାର୍ପଣ୍ୟ କାହିଁକି ଏହି ରଣନୀତି ଆପଣେଇଛନ୍ତି ସରକାର। ଏଣୁ ସରକାର ଯେଉଁ ପ୍ୟାକେଜ ଘୋଷଣା କରିଛନ୍ତି ତାହା କ'ଣ ଓ କିଏ ତାର ଲାଭ ପାଇବେ ସେ କଥା ଆଗାମୀ ଦିନରେ ଜଣାପଡ଼ିବ।ସରକାର ଯେଉଁ ପ୍ୟାକେଜ ଘୋଷଣା କଲେ ସେଥିରେ ଋଣ କଥା ଘୋଷଣା କଲେ ହେଲେ ଶ୍ରମିକ ଓ ଅସହାୟ ଲୋକଙ୍କୁ ତତ୍କାଳ ନଗଦ ଅର୍ଥ ଦିଆଯିବା ପ୍ରସଙ୍ଗରେ କିଛି କହିଲେ ନାହିଁ। ଲୋକଙ୍କୁ ଋଣ ନୁହେଁ ବର୍ତ୍ତମାନର ଅବସ୍ଥାରୁ ମୁକୁଳିବା ପାଇଁ ନଗଦ ଅର୍ଥ ଦରକାର ଏକଥା ସରକାର ବୁଝିବା ଦରକାର।


ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪

# ନିଦକୁ ନେଇ ଭ୍ରମ

**ଏକ ସୁସ୍ଥ ଶରୀର ଲାଗି ଖାଦ୍ୟ, ପାଣି ଏବଂ ଶାରୀରିକ କାର୍ଯ୍ୟକଳାପ ସହ ପର୍ଯ୍ୟାପ୍ତ ନିଦ ନିହାତି ଜରୁରୀ । ନିଦର ଅଭାବ ମଣିଷର ମାନସିକତାକୁ ପ୍ରଭାବିତ କରିପାରେ । ବେଳେବେଳେ ଦୀର୍ଘଦିନ ଧରି ଠିକ୍ ଭାବେ ନିଦ ନହେବା ହୃଦ୍‌ଘାତ, ମଧୁମେହ, ମେଦବହୁଳତା, ଏପରିକି ଅକାଳ ମୃତ୍ୟୁର କାରଣ ହୋଇଥାଏ । ନିଦକୁ ନେଇ ଅନେକଙ୍କ ମନରେ କେତେକ ଭ୍ରାନ୍ତ ଧାରଣା ରହିଛି । ଏହାକୁ ତୁରନ୍ତ ଦୂରେଇଦେବା ଉଚିତ ।**



**କେଇଘଣ୍ଟା ଶୋଇପଡିଲେ ଯଥେଷ୍ଟ :**

ବ୍ୟକ୍ତିଙ୍କ ବୟସ ଅନୁସାରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଣିଷ ୭ରୁ ୯ଘଣ୍ଟା ଶୋଇବା ଜରୁରୀ ହୋଇଥାଏ । ପର୍ଯ୍ୟାପ୍ତ ନିଦ ଓ ବିଶ୍ରାମ ଶରୀରର ମାଂସପେଶୀକୁ ମରାମତି କରିବା ସହ ଶକ୍ତି ଯୋଗାଇବା ଏବଂ ମସ୍ତିଷ୍କ ଶାନ୍ତ ରଖିବାରେ ସହାୟକ ହୋଇଥାଏ । ଏହା ମଧ ସଠିକ୍ ନିଷ୍ପତ୍ତି ନେବାରେ ମସ୍ତିଷ୍କକୁ ସହାୟତା କରେ ତଥା ଶରୀରର ରୋଗପ୍ରତିରୋଧକ ବ୍ୟବସ୍ଥା ସୁସ୍ଥ ରଖେ । ତେଣୁ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ଅତି କମ୍‌ରେ ୭ରୁ ୯ ଘଣ୍ଟା ଶୋଇବା ଜରୁରୀ ।

*ଅନିଦ୍ରା କିଛି ବଡ କଥା ନୁହେଁ:*

ଅନେକେ ଭାବନ୍ତି, ଯଦି କେହି ସହଜରେ ଶୋଇପାରୁ ନଥାନ୍ତି ବା ଅନିଦ୍ରାର ଶିକାର ହୋଇଥାନ୍ତି, ତେବେ ଏହା କିଛି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ । ଅସଲରେ ଅନିଦ୍ରା ବା ଇନ୍‌ସୋମ୍‌ନିଆ ତଥା ଏହାର କାରଣ ପୀଡିତ ବ୍ୟକ୍ତିଙ୍କ ଜୀବନଶୈଳୀକୁ ପ୍ରଭାବିତ କରିପାରେ । କାର୍ଯ୍ୟକ୍ଷେତ୍ରରେ ଏଥିରେ ଆକ୍ରାନ୍ତ ବ୍ୟକ୍ତି ସଠିକ୍ ପ୍ରଦର୍ଶନ କରି ନପାରିବା ସହ ନିଦୁଆ ରହିଥାନ୍ତି ଏବଂ ତାଙ୍କ ମୁଡ୍ ପ୍ରାୟତଃ ଖରାପ ରହିଥାଏ । ତେଣୁ ନିଦ ସଂକ୍ରାନ୍ତ କୌଣସି ସମସ୍ୟା ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

*ଛୁଟି ଦିନରେ ନିଦ ପୂରଣ:*

କିଛି ଲୋକ କାର୍ଯ୍ୟବ୍ୟସ୍ତତା ଯୋଗୁ ଶୋଇବାକୁ ଖୁବ୍ କମ୍ ସମୟ ପାଇଥାନ୍ତି । ତେଣୁ ସେମାନଙ୍କ ନିଦ ପୂରଣ ହୁଏନାହିଁ । ସପ୍ତାହାନ୍ତ କିମ୍ବା ଛୁଟିଦିନରେ ଶୋଇ ସେମାନେ ଏହି ବଳକା ନିଦ ପୂରଣ କରିଦେବେ ବୋଲି ଭାବନ୍ତି । ଯଦିଓ ଛୁଟିଦିନରେ ଅଧିକ ସମୟ ପର୍ଯ୍ୟନ୍ତ ଶୋଇବା ସତେଜ ଅନୁଭବ କରାଏ, ତେବେ ଏହା ମାତ୍ର କିଛି ସମୟ ପାଇଁ । ତେଣୁ ପ୍ରତ୍ୟେକ ରାତିରେ ପର୍ଯ୍ୟପ୍ତ ସମୟ ଶୋଇବାକୁ ଚେଷ୍ଟା କରନ୍ତୁ । ନିୟମିତ ସ୍ଲିପ୍ ଟ୍ରାକ୍ (ଶୋଇବା ଶୈଳୀ)କୁ ଫେରିବା ଲାଗି କିଛି ଦିନ ଛୁଟିରେ ଯାଇପାରିବେ ।

କିଛି ସମୟ ବିଛଣାରେ ପଡିଯିବା ହିଁ ନିଦ:

ପର୍ଯ୍ୟାପ୍ତ ବିଶ୍ରାମ ନିଦର ବିକଳ୍ପ ହୋଇପାରେ ବୋଲି ଭାବିବା ଭୁଲ୍ । ଚେଇଁ ରହିଥିବା ଅପେକ୍ଷା ଶୋଇଥିବା ସମୟରେ ମସ୍ତିଷ୍କ, ଫୁସ୍‌ଫୁସ୍ ଭଳି ଶରୀରର ଅନ୍ୟ ସମସ୍ତ ଅଙ୍ଗ ଆରାମ କରନ୍ତି ଏବଂ ନିଜର ଚିରାଚରିତ କାର୍ଯ୍ୟଠାରୁ ପୃଥକ କାର୍ଯ୍ୟ କରି ଶରୀରକୁ ପରବର୍ତ୍ତୀ ସମୟ ପାଇଁ ଶକ୍ତି ଯୋଗାଇଥାନ୍ତି । ମଣିଷ କେବଳ ବିଶ୍ରାମ ନେବା ବାହାନାରେ ଚେଇଁ ରହିଲେ ଏସବୁ ଅଙ୍ଗ ମଧ ଜାଗ୍ରତ ଥା'ନ୍ତି । ତେଣୁ ଏମାନଙ୍କୁ ବିଶ୍ରାମ ମିଳିପାରେ ନାହିଁ ।

**ଶୋଇବା ପାଇଁ ଦିନ - ରାତିରେ ଫରକ୍ ନାହିଁ:**

ଯେଉଁମାନେ ଶୀଘ୍ର ଶୋଇପଡନ୍ତି, ସେମାନେ ପ୍ରକୃତରେ ଭଲରେ ଶୋଇପାରନ୍ତି ବୋଲି ଅନେକଙ୍କର ବିଶ୍ୱାସ । ଅସଲରେ, ଏହାଦ୍ୱାରା ସେମାନେ ପର୍ଯ୍ୟାପ୍ତ ନିଦ ପାଆନ୍ତି ନାହିଁ । ସେହିପରି ରାତି ସିଫ୍ଟରେ କାମ କରୁଥିବା ବ୍ୟକ୍ତି ସକାଳେ କିମ୍ବା ଦ୍ୱିପ୍ରହର ସମୟରେ ଶୋଇଲେ ମଧ ସାର୍କାଡିଆନ୍ ରିଦ୍‌ମ ଡିସିଙ୍କ୍ରୋନାଇଜେସନ୍ ପରି ଲକ୍ଷଣ ଏବଂ ଖରାପ ନିଦର ଶିକାର ହୋଇପାରନ୍ତି । ଏହା ମଧ ଅବସାଦ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ ।

# କୁକୁର କାରଣରୁ ଘରେ ହେଲା ଅଗ୍ନିକାଣ୍ଡ



ପାଶ୍ଚାତ୍ୟ ରାଷ୍ଟ୍ର ଆମେରିକା, ଇଂଲଣ୍ଡରେ କୁକୁର, ବିଲେଇ ପାଳନରେ ଲୋକେ ବିଶେଷ ସଉକ୍ ରଖନ୍ତି । ଏମାନଙ୍କ ମଧରୁ ଅନେକ ଯାତ୍ରା ସମୟରେ ମଧ ନିଜ ପୋଷା ଜନ୍ତୁଙ୍କୁ ନେବାରେ ରୁଚି ରଖନ୍ତି । ବ୍ରିଟେନ୍‌ସ୍ଥିତ ଜନୈକ ବ୍ୟକ୍ତି ହେଲେ ପିଟର୍ । ସବୁଦିନ ପରି ସେଦିନ ମଧ ସେ କାର୍ଯ୍ୟାଳୟକୁ ଯିବା ନିମନ୍ତେ ପ୍ରସ୍ତୁତ ହେଲେ । ଘରର ସଦସ୍ୟ ହେଲେ ପିଟର୍ ଓ ତାଙ୍କ ପୋଷା କୁକୁର ଫରଟ୍ୟୁନ୍ । ଦିନ ୧୦ ଟାବେଳକୁ ପିଟର୍ କାର୍ଯ୍ୟାଳୟ ଚାଲିଗଲେ । ଏଣେ କୁକୁର ଫରଟ୍ୟୁନ୍ ଘରେ ଏକାଏକା ଏପାଖସେପାଖ ହେଉଥାଏ । ରୋଷେଇଘରେ ଥିବା ମାଇକ୍ରୋଓ୍ବେଭ ଭିତରେ ପିଟର୍ ଗୋଟିଏ କେକ୍ ରଖିଦେଇଯାଇଥିଲେ । କୁକୁରଟି ଅଜାଣତରେ ମାଇକ୍ରୋଓ୍ବେଭ ଚାଲୁ କରିଦେଲା । ଅଧିକ ସମୟ ମାଇକ୍ରୋଓ୍ବେଭ୍ ଚାଲିବା କାରଣରୁ କେକ୍ ପୋଡି, ରୋଷେଇ ଘରେ ନିଆଁ ଲାଗିଗଲା । ପଟର୍ ଅଫିସ୍‌ରେ ଥିବାବେଳେ ନିୟମି ତ ସିସିଟିଭିର ଭିଡିଓ ନିଜ ମୋବାଇଲ୍‌ରେ ଯାଞ୍ଚ କରନ୍ତି । ଯଥା ସମୟରେ ସେ ମୋବାଇଲ୍ ଭିଡିଓରେ ଦେଖିଲେ, ରୋଷେଇ ଘରୁ ଧୂଆଁ ବାହାରୁଛି । ଆଉ ବିଳମ୍ୱ ନକରି ସେ ତୁରନ୍ତ ସ୍ଥାନୀୟ ଦମକଳ କେନ୍ଦ୍ରକୁ ଫୋନ୍ କରି ସହାୟତା ଲୋଡିଲେ । ଦମକଳ ବାହିନୀ ପହଞ୍ଚି ଯଥା ସମୟରେ ପରିସ୍ଥିତିକୁ ଆୟତ୍ତ କରିବା ସହ କୁକୁରକୁ ମଧ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏବେ ଆପଣ ମଧ ଯଦି ଘରେ କୁକୁର, ବିଲେଇକୁ ଏକା ଛାଡିଯାଉଛନ୍ତି, ତେବେ ସାବଧାନ ହୋଇ ରହନ୍ତୁ ।

# ଭ୍ରମଣ କରି ସୁସ୍ଥ ରହନ୍ତୁ

ମାନସିକ ଚାପ କମ୍ କରବାକୁ ଚାହୁଁଥିଲେ କିମ୍ବା କିଛି ସମୟ ଶାନ୍ତିରେ ରହିବାକୁ ଚାହୁଁଥିଲେ, ସାଙ୍ଗସାଥି ହେଉ କିମ୍ବା ପରିବାରଲୋକଙ୍କ ସହ ଭ୍ରମଣ କରିବାକୁ ଯୋଜନା କରନ୍ତୁ । ଟେନ୍‌ସନ୍ କମ୍ କରବାକୁ ଚାହୁଁଥିଲେ, ଭ୍ରମଣ ଏକ ସୁନ୍ଦର ଉପଚାର ବୋଲି ବିଶେଷଜ୍ଞଙ୍କ ମତ । କୌଣସି ମହାନଗରୀ ବୁଲିବାକୁ ଯୋଜନା କରିବା ପରିବର୍ତ୍ତେ ହିଲ୍-ଷ୍ଟେସନ୍ ଯିବା ଆମକୁ ମାନସିକ ଶାନ୍ତି ଦେଇଥାଏ । ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ପରିବେଶ ହିଁ ମୁଖ୍ୟ ଆକର୍ଷଣ ପାଲଟିଥାଏ ।

- ଇଣ୍ଟରନେଟ୍‌ରୁ ଖୋଜି ହ୍ରଦ ଥିବା ସ୍ଥାନ ଖୋଜିବା ସହ ୨-୩ ଦିନ ନିମନ୍ତେ ହୋଟେଲ୍ ବୁକିଂ କରନ୍ତୁ ।
- କାମର ଚାପରୁ ବାହାରି ବୁଲିବାକୁ ଯାଉଥିଲେ ପ୍ୟାକିଂ ଅଧିକ ନ କରି ବରଂ କମ୍ ପୋଷାକପତ୍ର ନେଇ ଯିବା ଉଚିତ ।
- ଯାତ୍ରା କରିବାର ସମୟ ଅଳ୍ପ ଥିଲେ, ଫ୍ଲାଇଟ୍‌ରେ ବୁକିଂ କରନ୍ତୁ । ନଚେତ୍ ରେଳରେ ଯାତ୍ରା କରିବାର ମଜା ମଧ ବେଶ୍ ନଆରା ଅଟେ ।

# ଖାଦ୍ୟର ପୋଷକତତ୍ତ୍ୱ

*ଆଜିକାଲି ସମସ୍ତ ବର୍ଗର ଲୋକ ନିଜ ଖାଦ୍ୟପାନୀୟକୁ ନେଇ ଖୁବ୍ ସଚେତନ । ବିଶେଷଜ୍ଞଙ୍କ ମତରେ କେତେକ ନିୟମ ପାଳନ କଲେ, ଖାଦ୍ୟପାନୀୟର ସଠିକ୍ ପୋଷକତତ୍ତ୍ୱ ଶରୀରକୁ ମିଳିଥାଏ ।*

- ଚୋପା ସହ ପ୍ରତ୍ୟେକ ପରିବାକୁ ରାନ୍ଧିବା ଉଚିତ । ଏହା ଦ୍ୱାରା ପରିବାର ପୋଷକତତ୍ତ୍ୱ ନଷ୍ଟ ହୋଇନଥାଏ ଓ ଚୋପାର ଭିଟାମିନ୍ ମଧ ବ୍ୟଞ୍ଜନରେ ରହିଥାଏ ।
- ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପରିବା ରଖନ୍ତୁ ନାହିଁ ।




ଫ୍ରିଜ୍‌ରେ ମଧ ବଜାରରେ ଉପଲବ୍ଧ ହେଉଥିବା 'ଜିପର୍ ପାଉଚ୍' ପରିବାର ରଖନ୍ତୁ କାରଣ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖିଲେ ଏହାର ବିଷତତ୍ତ୍ୱ ପରିବା ସହ ମିଶିଯାଏ ।

- ପରିବା ସିଝିବାକୁ ଥିଲେ, ପ୍ରଥମେ ପାଣି ଗରମ କରି ପରେ ସେଥିରେ ପରିବା ପକାନ୍ତୁ । ଏପରି କଲେ ପରିବା ଶୀଘ୍ର ସିଝିବା ସହ ସେଥିରେ ଥିବା ଭିଟାମିନ୍ ନଷ୍ଟ ହୁଏନାହିଁ ।



# ମଧୁମେହ ପାଇଁ ପା* ଉପକାରୀ ଅଭ୍ୟାସ

**ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ମଧୁମେହ ଏବେ ସବୁଠାରୁ ଗୁରୁତର ଅସୁସ୍ଥତାରେ ପରିଣତ ହୋଇଛି । ଜାଣେ କିନ୍ତୁ ଚାହିଁଲେ ମଧ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଜୀବନରେ କାର୍ଯ୍ୟଚାପରୁ ନିଜକୁ ମୁକ୍ତ ରଖିପାରିବେ ନାହିଁ । ତେବେ ଏପରି ପା*ଟି ଉପାୟ ନିଜ ପାଇଁ ଆପଣାଇ ପାରିବେ ।**




√ ଠିକ୍ ସମୟରେ ଖାଦ୍ୟ ଖାଇବା ସହ ଖାଇବା ମଝିରେ ଉଠନ୍ତୁ ନାହିଁ । ବେଳେବେଳେ ଖାଇବାକୁ ଇଚ୍ଛା ହେଉନଥିଲେ ଫଳରସ କିମ୍ବା ସୁପ୍ ପିଇପାରନ୍ତି । ସକାଳ ଜଳଖିଆରେ କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ସହ ରାତିରେ ହାଲ୍‌କା ଖାଦ୍ୟ ଖାଆନ୍ତୁ । ଏଥିରେ ଅଧିକ ତେଲ, ଘିଅ ନଥିବା ଜରୁରୀ । ଜଙ୍କଫୁଡ୍, ମିଠା, ଭାତ ଆଦି ଖାଇବା କମାନ୍ତୁ । ଅଳ୍ପ ପରିମାଣରେ ଫଳ ଖାଇବା ସହ ଛୋଟ ଗ୍ଲାସ୍‌ରେ ସର ନଥିବା କ୍ଷୀର ଏକ ଗ୍ଲାସ୍ ପିଇପାରିବେ ।

√ ନିଦ ସମ୍ପୂର୍ଣ୍ଣ ହେବା ମଧୁମେହ ରୋଗୀଙ୍କ ଲାଗି ନିହାତି ଜରୁରୀ । ବେଶୀ ରାତି ପର୍ଯ୍ୟନ୍ତ ଉଜାଗର ରହିବା ଦ୍ୱାରା ଶରୀରରେ ଶର୍କରାସ୍ତର ବଢିଯାଏ । ଦିନସାରା କ୍ଲାନ୍ତ ଲାଗେ । ତେଣୁ ରାତିରେ ଶୀଘ୍ର ଶୋଇ ସକାଳୁ ଉଠି ହାଲ୍‌କା ବ୍ୟାୟାମ କରିବା ଉପକାରୀ ହୋଇପାରିବ ।

√ ମଧୁମେହ ରୋଗୀ ନିଜ ପାଦର ବିଶେଷ ଯତ୍ନ ନେବା ଉଚିତ । କାରଣ, ଏହି ରୋଗରେ ପାଦରେ ବୀଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଛି । ଆରାମଦାୟକ ଜୋତା ପିନ୍ଧିବା ସହ ପାଦରେ ତେଲ ମାଲିସ୍ କରନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ୍ କ୍ରିମ୍ ଲଗାଇ ପାରିବେ । ମଧୁମେହ ଯୋଗୁ ଚାଲିବାରେ କଷ୍ଟ ଅନୁଭବ କରୁଥିଲେ ରାତିରେ ଗରମ ପଟି ପିନ୍ଧି ଶୋଇବା ଉପକାରୀ ।



√ ସୁସ୍ଥ ରହିବା ଲାଗି କିଛି ସମୟ ଷ୍ଟ୍ରେଚିଂ ଏବଂ ଏରୋବିକ୍ ଏକ୍‌ସରସାଇଜ ନଚେତ ଯୋଗ କରନ୍ତୁ । ଏହା ଫ୍ୟାଟ୍ କମାଇବା ସହ କ୍ୟାଲୋରୀ କମାଇଥାଏ । ଫୋନ୍‌ରେ କଥା ହେବା ସମୟରେ ଗୋଟିଏ ଜାଗାରେ ନବସି ଚାଲନ୍ତୁ, ସପିଙ୍ଗ କରିବାକୁ ହେଲେ ଚାଲିଚାଲି ଷ୍ଟୋର ପର୍ଯ୍ୟନ୍ତ ଯାଆନ୍ତୁ, ଲିଫ୍ଟ ବଦଳରେ ସିଡି ବ୍ୟବହାର କରିବା ସହ ଖାଇବା ପରେ କିଛି ସମୟ ବଗିଚାରେ ଚଲାବୁଲା କରିବାର ଅଭ୍ୟାସ କରିପାରିବେ ।

√ ତେବେ ଖାଦ୍ୟ ନିୟନ୍ତ୍ରଣ କରିବା ସହ ଡାକ୍ତରଙ୍କ ସହିତ ନିୟମିତ ପରାମର୍ଶ ଜାରି ରଖିବା ସବୁଠାରୁ ଜରୁରୀ ।

# କ୍ରୋଧ ଦୂର କରିବାର ନୂଆ ଉପାୟ



ସ୍ମାର୍ଟ ଯୁଗରେ ଆମ ଭାରତୀୟ ଲୋକ ମଧ ଅତ୍ୟାଧୁନିକ ପଦକ୍ଷେପ ନେଉଥିବାର ଦେଖାଯାଉଛି । ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଲା: ଇନ୍ଦୋର ସହରରେ ନୂଆ କରି ଖୋଲିଥିବା 'ଭଡାସ୍ କେଫେ' । କେଫେକୁ ପ୍ରବେଶ କରିବା ପୂର୍ବରୁ ଆପଣଙ୍କୁ ପ୍ରଥମେ ଦେୟ ଭରଣା କରିବାକୁ ପଡିବ । ପରେ ଭିତରକୁ ଯାଇ ଏକ ସ୍ୱତନ୍ତ୍ର କକ୍ଷ ଗ୍ରାହକଙ୍କୁ ମିଳିଥାଏ । ସେହି କକ୍ଷରେ ଆପଣ ନିଜ ଇଚ୍ଛାରେ ଜୋର୍‌ରେ ଚିତ୍କାର କରିପାରିବେ, କାନ୍ଦିପାରିବେ କାହାକୁ ମନ ଭରି ଗାଳି ମଧ ଦେଇପାରିବେ । କେଫେ ମାଲିକଙ୍କ କହିବାନୁସାରେ, କ୍ରୋଧ ଦୂର କରିବା ନିମନ୍ତେ ଏହା ଏକ ସୁନ୍ଦର ତଥା ସରଳ ଉପାୟ । ସେହି କକ୍ଷରେ ଯଦି କିଛି ଜିନିଷ ଅଛି, ମନ ଶାନ୍ତି କରିବାକୁ ତାହା ମଧ ଭାଙ୍ଗିପାରିବେ । ଏସବୁ ଭିତରେ ବ୍ୟକ୍ତିଙ୍କୁ କ୍ଷତି ଯେପରି ନ ପହଂଚେ, ସେଥିପାଇଁ ସେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ । ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ । କେଫେ ମାଲିକ କହିଛନ୍ତି , କକ୍ଷ ଭିତରେ ଯେପରି କେହି ଆତ୍ମହତ୍ୟା କରିବାକୁ ଚେଷ୍ଟା ନ କରନ୍ତି, ସେସବୁ ପ୍ରତି ମଧ ଭଲଭାବେ ଧ୍ୟାନ ଦିଆଯାଇଛି । ସ୍ଥାନୀୟ ଲୋକ କିନ୍ତୁ ଏଇ କେଫେ ଯଥା ଶୀଘ୍ର ବନ୍ଦ ହେବା ଉଚିତ ବୋଲି ଯୁକ୍ତି ବାଢିଛନ୍ତି ।

# ମେକ୍-ଅପ୍ ପରର ତ୍ୱଚା ଚର୍ଚ୍ଚା

ପ୍ରତ୍ୟେକ ଯୁବତୀ ଓ ମହିଳାଙ୍କର ମେକ୍-ଅପ୍ ପ୍ରତି ଅହେତୁକ ଦୁର୍ବଳତା ରହିଛି । ବିଶେଷ ଅବସରରେ ସଜ ହେବାର ମଜା ଅଲଗା ଥାଏ । ତେବେ ମେକ୍-ଅପ୍ ପରେ ଆପଣ କେବେ ଚିନ୍ତା କରଛନ୍ତି କି ତ୍ୱଚା ଆପଣଙ୍କର ରାସାୟନିକ ତତ୍ତ୍ୱରେ ବାନ୍ଧି ହୋଇରହିଛି । ଆପଣଙ୍କ ତ୍ୱଚା ମଧ ଅମ୍ଳଜାନ ନେବା ଜରୁରୀ । ଏଣୁ ମେକ୍-ଅପ୍ ପରେ ହିଁ ନିଜ ତ୍ୱଚାର ସୁନ୍ଦର ଚର୍ଚ୍ଚା କରନ୍ତୁ । ଡାକ୍ତର ପ୍ରିୟଙ୍କା ରେଡ୍ଡୀଙ୍କ ମତରେ ମେକ୍-ଅପ୍‌କୁ ଭଲଭାବରେ ପୋଛିବା ପରେ ଆର୍ଗାନିକ୍ ଯୋନର୍‌ରେ ତ୍ୱଚାକୁ ଭଲଭାବେ ପୋଛିନେବେ । ଏହା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ନିୟମିତ ଭାବେ କାର୍ଯ୍ୟାଳୟ ପାଇଁ ହାଲ୍‌କା ମେକ୍-ଅପ୍ କରୁଥିଲେ, ଘରକୁ ଫେରିବା ପରେ ଅଲିଭ ତେଲ କିମ୍ବା ନଡିଆ ତେଲରେ ତ୍ୱଚାର ମାଲିସ୍ କରନ୍ତୁ ।

- ମେକ୍-ଅପ୍ କାରଣରୁ ଆମ ତ୍ୱଚାରେ ବ୍ରଣ ହୋଇଥାଏ । ଏଥିରୁ ରକ୍ଷା ପାଇବାକୁ ହେଲେ ସପ୍ତାହକୁ ୨-୩ ଥର ଘରୋଇ ଫେସପ୍ୟାକ୍ ଲଗାନ୍ତୁ । ସମସ୍ତ ସମସ୍ୟା ଦୂର ହୋଇଯିବ ।
- ମେକ୍-ଅପ୍ କାରଣରୁ ଆଲର୍ଜି ହେଉଥିଲେ ପୋଛିବା ପରେ ତ୍ୱଚାରେ ଘିକୁଆଁରି ରସ , କେବି ଅଏଲର ପ୍ରୟୋଗ କରିବା ଉଚିତ୍ ।



- ଲିପ୍‌ଷ୍ଟକ୍ ପୋଛିବା ପରେ ଓଠରେ ଘିଅ ନଚେତ୍ ନଡିଆ ତେଲ ତୁରନ୍ତ ଲଗାନ୍ତୁ ।

# ପ୍ରଦୂଷଣର ପ୍ରଭାବ

ଏଇ କିଛିଦିନ ତଳେ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍‌ରେ ଅନ୍ତର୍ଜାତୀୟ ସ୍ତରରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଗବେଷକ ଓ ବିଶେଷଜ୍ଞ ଦଳ ସାମିଲ ହୋଇଥିଲେ । ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ପରିବର୍ତ୍ତିତ ପରିବେଶ ଓ ଏହାର ପ୍ରଭାବ । ୨୦୦ ରାଷ୍ଟ୍ରର ସ୍ଥିତି ଏଥିରେ ସାମିଲ ହୋଇଥିଲାବେଳେ ଭାରତର ଅବସ୍ଥା ସବୁଠୁ ଜଟିଳ ବୋଲି ଗବେଷକଙ୍କ ଅନୁଧ୍ୟାନରୁ ଜଣାପଡିଥିଲା । ପ୍ରଦୂଷଣର ମାତ୍ରା ଏଠାରେ ନିୟନ୍ତ୍ରିତ ହେଉନଥିବାବେଳେ ଲୋକ ମଧ ସଚେତନ ହେଉନାହାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରର ଲୋକ ଉଭୟ ଜନସଂଖ୍ୟା ଓ ପ୍ରଦୂଷଣ ରୋକିବାକୁ ଯଥେଷ୍ଟ ଚେଷ୍ଟା କରୁଥିବାବେଳେ ଭାରତରେ ଏ ନେଇ ସେଭଳି କଡାକଡି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଦିଲ୍ଲୀ ଏଇ ସ୍ଥାନଟି କ୍ରମଶଃ ବିଷାକ୍ତ ହେବାରେ ଲାଗିଛି ବୋଲି ଜନୈକ ନେଦରଲ୍ୟାଣ୍ଡର ଗବେଷକ କହିଥିଲେ । ଏହା ଜାଣିବା ସତ୍ତ୍ୱେ ଦିଲ୍ଲୀରେ କାର୍ ଓ ଆପାର୍ଟମେଣ୍ଟ ସଂଖ୍ୟା ଉଭୟ ତାଳ ଦେଇ ବଢିବାରେ ଲାଗିଛି ।



- ପ୍ରଦୂଷଣ କାରଣରୁ ୨୦୧୮ ରେ ୩୦ ହଜାରରୁ ଅଧିକ ଲୋକ କେବଳ ଦିଲ୍ଲୀରେ କର୍କଟ ଓ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ଖାଦ୍ୟପାନୀୟ କିମ୍ବା କସରତ କଲେ ଆପଣ ଯେ ପ୍ରଦୂଷଣରୁ ବର୍ତ୍ତିଯିବେ, ତାହା ଭାବିବା ଭୁଲ୍ । ସୁସ୍ଥ ରହିବାକୁ ହେଲେ ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ ।

# କରୋନା ଯୋଗୁ ଦୟନୀୟ ସ୍ଥିତିରେ ଥିବା ଆଦିବାସୀ କାରିଗରମାନଙ୍କୁ ସହାୟତାର ହାତ ବଢାଇଲା ଟ୍ରାଇଫେଡ

## ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଉପରେ ଆକର୍ଷଣୀୟ ଡ଼ିସକାଉଣ୍ଟ

ନୂଆଦିଲ୍ଲୀ,୩/୬ (ନି.ପ୍ର): ସାମଗ୍ରୀର ବିକ୍ରୀବଟା ପାଇଁ ଘୋଷଣା କରିଛି । ଦେଶବ୍ୟାପୀ ଥିବା ଏହାର ପାଇକାରୀ ବିକ୍ରୟ କେନ୍ଦ୍ର ଓ ବହୁଳ ବିକ୍ରି ଜରିଆରେ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀଗୁଡିକର ବିପଣନ ପାଇଁ ମଧ୍ୟ ସ୍ଥିର କରିଛି । କୋଭିଡ-୧୯ ଯୋଗୁଁ ବୈଶ୍ୱିକ ମହାମାରୀ କାଳରେ ଉଭୟ ପୁରୁଷ ଓ ମହିଳା କାରିଗରମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ହୃଦୟଙ୍ଗମ କରି ଟ୍ରାଇଫେଡ ସାମଗ୍ରୀଗୁଡ଼ିକର ବିକ୍ରିବଟା ସହ ଶତକଡା ୧୦୦ ଭାଗ ସେହି କାରିଗରମାନଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ଅନ୍ୟ ଯେଉଁ ପୋର୍ଟାଲ ଜରିଆରେ ସାମଗ୍ରୀଗୁଡିକ ବିକ୍ରି ହେଉଛି ସେଥିରେ ମଧ୍ୟ ଡ଼ିସକାଉଣ୍ଟ ଦେବା ପାଇଁ ଆଲୋଚନା ଜାରି ରଖିଛି । ଟ୍ରାଇଫେଡ ପକ୍ଷରୁ ନିୟମିତ ଭାବେ ଭିଡିଓ କଂଫରେନ୍ସ ସମ୍ମିଳନୀ କରାଯାଇ ଏହାର ସାମଗ୍ରୀ ଯୋଗାଣକାରୀମାନଙ୍କ ସହ ଯୋଗାଯୋଗ ରଖାଯାଉଛି । ଜାତୀୟ ଓ ଆଂଚଳିକ ଯୋଗାଣକାରୀ ସମ୍ମିଳନୀରେ ପ୍ରାୟ ୫ ହଜାରରୁ ଅଧିକ ଆଦିବାସୀ କାରିଗର ଯୋଗଦେଇଥିଲେ । କୋଭିଡ-୧୯ ମହାମାରୀ ଯୋଗୁଁ ଲକଡାଉନ ପରିପ୍ରେକ୍ଷୀରେ ଟ୍ରାଇଫେଡ ସମସ୍ତ ଆଂଚଳିକ କାର୍ଯ୍ୟାଳୟଗୁଡ଼ିକୁ ଜରୁରିକାଳୀନ ଭିତିରେ ସାମଗ୍ରୀଗୁଡିକୁ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଛି । ସାମାଜିକ ଦୂରତ୍ୱ ରକ୍ଷାକାରୀ ଟ୍ରାଇଫେଡ କାର୍ଯ୍ୟାଳୟ ପରିସର ମଧ୍ୟରେ ଯେପରି କାରିଗରମାନେ କାର୍ଯ୍ୟ କରିପାରିବେ ସେଥିପାଇଁ ପ୍ରଶାସନଠାରୁ ଅନୁମତି ଅଣାଯାଇଛି । କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ଆବଶ୍ୟକ ପ୍ରତିଶୋଧମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ କାରିଗରମାନଙ୍କୁ ପରାମର୍ଶ ଦିଆଯାଇଛି । ସେମାନଙ୍କୁ ସାବୁନ, ମାସ୍କ ଓ ସାନିଟାଇଜର ଇତ୍ୟାଦି ପ୍ରସ୍ତୁତ କରିବା ପାଇଁ ଟ୍ରାଇଫେଡ ସରକାରୀ ସଂସ୍ଥାଗୁଡିକ ଯେପରି ଏହି ଦରକାରୀ ସାମଗ୍ରୀ କିଣିବେ ସେଥିପାଇଁ ସେମାନଙ୍କୁ ନିବେଦନ କରୁଛି । ଏକ ମାନବିକ ଭଙ୍ଗୀ ପଦକ୍ଷେପ ସ୍ୱରୂପ ଆର୍ଟ ଅଫ ଲିଭିଙ୍ଗ ସହ ମିଶି ଟ୍ରାଇଫେଡ ନିକଟରେ ୫ ହଜାର ଆଦିବାସୀ ପରିବାରଙ୍କୁ ମାଗଣା ରାସନ ମଧ୍ୟ ବଂଟନ କରିଛି ।

## ବିଜେପି ନେତା କେଏନ ଲକ୍ଷ୍ମଣନଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ,୩/୬ (ନି.ପ୍ର): ତାମିଲନାଡୁର ବରିଷ୍ଠ ବିଜେପି ନେତା କେଏନ ଲକ୍ଷ୍ମଣନଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ତାମିଲନାଡୁର ସେବା କରିବାରେ ସେ ସବୁବେଳେ ଅଗ୍ରଣୀ ଥିଲେ ତଥା ତାମିଲନାଡୁରେ ବିଜେପିର ସଂଗଠନକୁ ବଢାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଜରୁରୀକାଳୀନ ପରିସ୍ଥିତିରେ ତାଙ୍କର ଭୂମିକା ଓ ବିଭିନ୍ନ ସାମାଜିକ – ସାଂସ୍କୃତିକ ଗତିବିଧିରେ ତାଙ୍କର ଭୂମିକା ସବୁବେଳେ ମନେ ରହିବ ।

# ଉପଯୁକ୍ତ ପ୍ରଯୁକ୍ତି, ବିଦେଶୀ ପୁଞ୍ଜିନିବେଶ ଏବଂ ଅସାଧାରଣ ମାନବ ସମ୍ବଳ ଯୋଗୁ ଭାରତ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିପାରିଛି : ରବି ଶଙ୍କର ପ୍ରସାଦ

## ୨୦୨୫ ସୁଦ୍ଧା ମୋବାଇଲ ଉତ୍ପାଦନ କ୍ଷେତ୍ରରେ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ; ୫ ଲକ୍ଷ ପ୍ରତ୍ୟକ୍ଷ ଓ ୧୫ ଲକ୍ଷ ପରୋକ୍ଷ କର୍ମସଂସ୍ଥାନ ସୃଷ୍ଟି ହେବ

ନୂଆଦିଲ୍ଲୀ,୩/୬ (ନି.ପ୍ର): ଡିଜିଟାଲ ଇଣ୍ଡିଆ ହେଉ ଅବା ମେକ ଇନ ଇଣ୍ଡିଆ ବା ଷ୍ଟାର୍ଟ ଅପ ଇଣ୍ଡିଆ, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସବୁବେଳେ ପରିବର୍ତ୍ତନରେ ବିଶ୍ୱାସ ରଖନ୍ତି । ଏହି ପଦକ୍ଷେପ ଯୋଗୁ ଭାରତବାସୀ ସଶକ୍ତ ହେବା ସହ ଡିଜିଟାଲ କାରବାର ବୃଦ୍ଧି ପାଇଛି । ନବୋନ୍ମେଷ ଓ ପ୍ରଯୁକ୍ତିର ପ୍ରୟୋଗ ବିଶ୍ୱରେ ଭାରତକୁ ଡିଜିଟାଲ ଶକ୍ତିର ମାନ୍ୟତା ଦେଇଛି । ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହନ ମେକ ଇନ ଇଣ୍ଡିଆର ଏକ ମୁଖ୍ୟ ଉଦ୍ଦେଶ୍ୟ । ୨୦୧୯ର ଜାତୀୟ ଇଲେକ୍ଟ୍ରୋନିକ୍ସ ନୀତି ସଂଶୋଧିତ ଦକ୍ଷତା ଯୋଜନା, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପୁଞ୍ଜ ଏବଂ ଇଲେକ୍ଟ୍ରୋନିକ୍ସ ବିକାଶ ପାଣ୍ଠି ଯୋଗୁ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୨୦୧୪ରେ ୨୯ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୧୯ରେ ୭୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ମୋବାଇଲ ଫୋନର ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ୨୦୧୪ ମସିହାରେ ମାତ୍ର ୨ଟି ମୋବାଇଲ କାରଖାନା ଥିବାବେଳେ ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଉତ୍ପାଦନକାରୀ ହୋଇପାରିଛି । ୨୦୧୮-୧୯ ମସିହା ମଧ୍ୟରେ ମୋବାଇଲ ଉତ୍ପାଦନ ୨୯ କୋଟି ୟୁନିଟରେ ପହଂଚିଥିବାବେଳେ ଏହା ୨୦୧୪ ମସିହାରେ ମାତ୍ର ୬ କୋଟି ୟୁନିଟରେ ସୀମିତ ଥିଲା । ୨୦୧୮-୧୯ରେ ଏ ବାବଦ ମୋଟ ପୁଞ୍ଜି ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ଥିବାବେଳେ ୨୦୧୪ରେ ମାତ୍ର ୧୯ ହଜାର କୋଟି ଥିଲା । ୨୦୧୪-୧୫ରେ ଇଲେକ୍ଟ୍ରୋନିକ୍ସ ରପ୍ତାନୀ ୩୮,୨୬୩ କୋଟି ଟଙ୍କା ଥିବାବେଳେ ୨୦୧୮-୧୯ରେ ତାହା ୬୧,୯୦୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୧୨ ମସିହାରେ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଭାରତର ଯୋଗଦାନ ମାତ୍ର ଶତକଡା ୧.୩ ଭାଗ ଥିବାବେଳେ ୨୦୧୮ ମସିହାରେ ଏହା ଶତକଡା ୩ ଭାଗକୁ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଶ୍ରୀ ରବି ଶଙ୍କର ପ୍ରସାଦ ଅନେକ ସମୟରେ କହିଛନ୍ତି ଯେ, ଭାରତ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା, ବିଦେଶୀ ପୁଞ୍ଜିନିବେଶ ସମେତ ନିଜସ୍ୱ ପୁଞ୍ଜି ଏବଂ ଅସାଧାରଣ ମାନବସମ୍ବଳ ଯୋଗୁ ବିଶ୍ୱ ଅର୍ଥନୀତିରେ ଏକ ବିଶେଷ ଯୋଗଦାନ ଦେଇଛି ।

# ଯୁଥ୍ ଫର୍ ଭଲୁଂଟାରୀ ୱାର୍କ ପକ୍ଷରୁ ଅନଲାଇନ୍ ପ୍ରବନ୍ଧ ଲିଖନ ପ୍ରତିଯୋଗିତା

ଭୁବନେଶ୍ୱର,୩/୬ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ 'ୟୁଥ୍ ଫର୍ ଭଲୁଂଟାରୀ ୱାର୍କ' ତରଫରୁ ସାମ୍ପ୍ରତିକ କରୋନା ମହାମାରୀକୁ ଆଖି ଆଗରେ ରଖି ଏକ ନିଆରା ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ସାରା ଓଡ଼ିଶାର ବିଭିନ୍ନ କଲେଜରେ ପଢୁଥିବା ଛାତ୍ରଛାତ୍ରୀ ଓ ୩୦ ବର୍ଷରୁ କମ୍ ସବୁ ଯୁବ ବନ୍ଧୁମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ନିଜ ଘରେ ରହି 'ଦେଶ ନିର୍ମାଣରେ ଯୁବ ଓ ଛାତ୍ରର ଭୂମିକା' ଶୀର୍ଷକ ପ୍ରବନ୍ଧ ସମ୍ବନ୍ଧରେ ୩୦୦ ଶବ୍ଦ ମଧ୍ୟରେ ଲେଖାଟିକୁ ଇଲଙ୍ଗଙ୍ଗ୨୦୧୫ଅଶଙ୍କବସକ୍ଷ.ମଙ୍କ୍ଙ୍କ ମେଲ୍‌ରେ ପଠାଇବେ । ଲେଖାଟିକୁ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଡିଟିପି କରି କିମ୍ବା ନିଜ ହାତ ଲେଖାଟିକୁ ଫଟୋ ଉପରୋକ୍ତ ଇ-ମେଲରେ ପଠାଇ ପାରିବେ । ପ୍ରବନ୍ଧଟିକୁ ମେଲ୍ କରିବାର ଶେଷ ତାରିଖ ଜୁନ୍ ୩୦ । ପ୍ରବନ୍ଧ ଆରମ୍ଭରେ ନିଜ ନାମ, ଠିକଣା ଓ ଯୋଗାଯୋଗ ନମ୍ବର ଲେଖିବା ସହ ନିଜର ଯେକୌଣସି ପରିଚୟ ପତ୍ର ଓ ପାସପୋର୍ଟ ସାଇଜ୍ ଫଟୋ ପଠାଇବାକୁ ଅନୁରୋଧ । ବିଚାରକ ମଣ୍ଡଳୀ ଦ୍ୱାରା ପ୍ରବନ୍ଧଗୁଡ଼ିକର ବିଚାର କରାଯାଇ ଶ୍ରେଷ୍ଠ ୫ ଜଣଙ୍କୁ ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ସହ ସାର୍ଟିଫିକେଟ୍ ପ୍ରଦାନ କରାଯିବ ଏବଂ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଉପହାର ସହ ସାର୍ଟିଫିକେଟ୍ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପ୍ରଦାନ କରାଯିବ । ବିଚାରକମଣ୍ଡଳୀ ମଧ୍ୟରେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, ସ୍ତମ୍ଭକାର ଅମିୟ ପାଣ୍ଡବ, ଓଡ଼ିଶା ଖଦୀବୋର୍ଡ଼ର ପୂର୍ବତନ ସଭାପତି ତେଜେଶ୍ୱର ପରିଡ଼ା । ପ୍ରତିଯୋଗିତାଟି ସମ୍ପୂର୍ଣ୍ଣ ଦେୟମୁକ୍ତ ।

# ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ୍ ପକ୍ଷରୁ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୩/୬ (ନି.ପ୍ର): ଅଲ୍ ଓଡିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ ତରଫରୁ ଆଜି ଫେଡେରେସନର ସଭାପତି ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ ଏକ ଜଣିଆ ପ୍ରତିନିଧି ଦଳ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭେଟି ପରିବହନ ଶ୍ରମିକମାନଙ୍କର ସମସ୍ୟାକୁ ନେଇ ଏକ ପାଂଚ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ଫେଡେରେସନ୍ ର ଦାବି ଗୁଡିକ ହେଲା ନିର୍ମାଣ ଶ୍ରମିକମାନଙ୍କ ଭଳି ପରିବହନ ଶ୍ରମିକମାନଙ୍କ ପାଇଁ ଏକ କଲ୍ୟାଣ ବୋର୍ଡ ଗଠନ କରି ଶ୍ରମିକମାନଙ୍କୁ କ୍ଷତିପୂରଣ ଦେବା । ଆୟକର ଦେଉନଥିବା ସମସ୍ତ ପରିବାରକୁ ମାସକୁ ୧୦ କେ.ଜି. ଚାଉଳ ୬ ମାସ ଯୋଗାଇବା । ମାସିକ ୭୫୦୦ଟଙ୍କା ଲେଖାଏଁ ତିନିମାସ ପରିବହନ ଶ୍ରମିକମାନଙ୍କୁ କ୍ଷତିପୂରଣ ଦେବା । ଲକ୍ ଡାଉନ୍ ସମୟରେ ପରିବହନ କ୍ଷେତ୍ରରେ କାମ କରୁଥିବା ସମସ୍ତ ଶ୍ରମିକଙ୍କୁ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ କରିବା ଏବଂ କୋଭିଡ୍ - ୧୯ ସମୟରେ କୌଣସି ପରିବହନ ଶ୍ରମିକ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୨ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ଦାବୀ କରାଯାଇଥିଲା । ମନ୍ତ୍ରୀ ଦାବୀ ଗୁଡିକ ଯଥାର୍ଥ ଓ ଦାବୀ ସହ ସହମତି ପ୍ରକାଶ କରିଥିଲେ । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ କୌଣସି ଅର୍ଥ ଦେଇନଥିବାରୁ ଶ୍ରମିକମାନଙ୍କୁ କ୍ଷତିପୂରଣ ଦେବାରେ ବାଧା ସୃଷ୍ଟି ହେଉଛି ବୋଲି ମଧ୍ୟ କହିଥିଲେ । ଆଗାମୀ ଦୁଇଦିନ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା କରି ନିଷ୍ପତି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଉଲ୍ଲାସ ସ୍ୱାଇଁ, ଶିଶିର କୁମାର ଲେଙ୍କା, ପ୍ରଭାତ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାୟ ୭୦୦ ସେବାୟତ, ସେବକ, ମନ୍ଦିର କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ ସରିଲାଣି

ପୁରୀ,୩/୬ (ନି.ପ୍ର): ସ୍ନାନଯାତ୍ରା ସହିତ ଜଡ଼ିତ ସେବାୟତ, ବିଭିନ୍ନ ନିଯୋଗର ସଦସ୍ୟଙ୍କ କୋଭିଡ୍ ଟେଷ୍ଟ ଇତିମଧ୍ୟରେ ଶେଷ ହୋଇଛି । ପ୍ରାୟ ୭୦୦ ସେବାୟତ, ସେବକ, ମନ୍ଦିର କର୍ମଚାରୀ ସମସ୍ତଙ୍କର କୋଭିଡ୍ ଟେଷ୍ଟ ପ୍ରାୟତଃ ଶେଷ ହୋଇଛି । ଆଜି ଅନ୍ୟାନ୍ୟ ନିଯୋଗର କେତେକ ସେବକଙ୍କ କୋଭିଡ୍ ଟେଷ୍ଟ କରାଯାଇଥିବା ଓ ଅପରାହ୍ନ ୩ଟାରୁ ସଂଧ୍ୟା ୬ଟା ମଧ୍ୟରେ ୧୧୦ ଜଣ ଜେଟିପି ପୋଲିସଙ୍କର ଟେଷ୍ଟ କରାଯିବାର ଯୋଜନା ରହିଥିବା ନେଇ ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି ।

# ଗ୍ୟାସ୍ ଲିକ୍ ରୁ ଅଗ୍ନିକାଣ୍ଡ : ମାଆ ଝିଅ ଗୁରୁତର

ଗଞ୍ଜାମ, ୨ ଜୁନ୍ (ହି.ସ.)- ବ୍ରହ୍ମପୁର ବାସୁଦେବନଗର ସପ୍ତମ ଲେନ୍ ରେ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଅଗ୍ନିକାଣ୍ଡ ଘଟିଛି । ଜଣକ ରୋଷେଇ ଘରେ ଥିବା ଏଲପିଜି ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଘରେ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡରେ ମାଆ ମମତା ସାହୁ (୪୦) ଓ ଝିଅ ତୁଳସୀ ସାହୁ (୧୫) ଗୁରୁତର ହୋଇଛନ୍ତି । ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜକୁ ପଠାଯାଇଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି ।

# ଯୁବ ବିଜେଡି ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩/୬ (ନି.ପ୍ର): ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରୀଙ୍କ ନେତୃତ୍ୱରେ ଯୁବ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରଶ୍ମିରଞ୍ଜନ ଦାସଙ୍କ ସଂଯୋଜନାରେ ସରକାରଙ୍କ କୋଭିଡ୍-୧୯ ନିୟମାବଳୀ ଅନୁଯାୟୀ ସାମାଜିକ ଦୁରତ୍ୱ ରକ୍ଷାକରି ଏକ ରକ୍ତଦାନ ଶିବିର ବିଜୁ ଯୁବଜନତାଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ୩୫ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଜୀବନ ବିନ୍ଦୁର ରାଜ୍ୟ ମୁଖ୍ୟ ସଂଯୋଜକ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଯାଜପୁରର ବିଧାୟକ ତଥା ବିଜେଡି ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ତଥା ବିଜେଡି ଆଇ.ଟି ୱିଙ୍ଗ୍ ଅଧ୍ୟକ୍ଷ ଡଃ. ଅମର ପଟ୍ଟନାୟକ, ଧର୍ମଶାଳା ବିଧାୟକ ପ୍ରଣବ ପ୍ରକାଶ ବଳବନ୍ତରାୟ ଓ ଜୀବନ ବିନ୍ଦୁ ରାଜ୍ୟ ସଂଯୋଜକ ତଥା ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟ ନିର୍ବାହୀ ଉପାଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତା ତଥା କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ । ଯୁବ ଜନତା ଦଳର ଉପଦେଷ୍ଟା କୁନ ବିହାରୀ ଦାସ, ଉପସଭାପତି ସନ୍ତୋଷ ବେଜ୍, ସାଧାରଣ ସମ୍ପାଦକ ଧ୍ରୁତି ରଞ୍ଜନ ମାର୍ଥା, ମଧୁସ୍ମିତା ପରିଡା, ସମ୍ପାଦକ ମଳୟ ରଞ୍ଜନ ପତି, ଯୁବନେତା ଆଲୋକ ବେହେରା, ଦୀପକ କୁମାର ସାହୁ, ସୋମ୍ୟ ସାର୍ଥକ ରାୟ, ଜୋନାଲୀ କବି, ଲିପ୍‌ସା ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ହୋଇଥିବା କରୋନା ଗାଇଡ଼ଲାଇନରେ ପରିବର୍ତ୍ତନ

ଭୁବନେଶ୍ୱର,୩/୬ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ହୋଇଥିବା ସଟ୍ ଡାଉନ ନିୟମ (ଅନଲକ୍-୧) ରେ ସାମାନ୍ୟ ସଂଶୋଧନ ଆଣିଛନ୍ତି । ଏହି ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ସ୍କୁଲ, କଲେଜ ବନ୍ଦ ରହିଲେ ମଧ୍ୟ ପରୀକ୍ଷା କରାଯିବ । ସେହିଭଳି କୃଷି, ମତ୍ସ୍ୟ ଓ ପଶୁପାଳନକୁ ମଧ୍ୟ ଅନୁମତି ଦିଆଯିବ । ୬୫ ବର୍ଷରୁ ଉର୍ଦ୍ଧ୍ୱ ଓ ୧୦ ବର୍ଷରୁ କମ୍ ପିଲା ବାହାରକୁ ବାହାରିବେ ନାହିଁ ।

# ସମ୍ପତି ବିବାଦ : ୨୨ ବର୍ଷୀୟ ପୁଅକୁ ପିଟିପିଟି ହତ୍ୟା : ଅଭିଯୁକ୍ତ ବାପ ଗିରଫ

ନବରଙ୍ଗପୁର,୩/୬ (ନି.ପ୍ର): ସମ୍ପତି ବିବାଦକୁ କେନ୍ଦ୍ର କରି ୨୨ ବର୍ଷୀୟ ପୁଅକୁ ପିଟିପିଟି ହତ୍ୟା କରିଛି ବାପ । ଘଟଣାରେ ପୋଲିସ ଅଭିଯୁକ୍ତ ବାପ ଅମଲ ବସୁକୁ ଗିରଫ କରିବା ସହ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି । ଏଭଳି ଏକ ବର୍ବରୋଚିତ ହତ୍ୟାକାଣ୍ଡ ଘଟିଯାଇଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ ସରଗୁଲି ଗ୍ରାମରେ । ମୃତ ଯୁବକଙ୍କ ନାମ ଅସିତ୍ ବସୁ । ଅଭିଯୁକ୍ତ ଅମଲ ବସୁ ତାଙ୍କ ପ୍ରଥମ ପତ୍ନୀଙ୍କୁ ୧୫ ବର୍ଷ ତଳେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲେ । ଜେଲ୍ ରୁ ଫେରିବା ପରେ ସେ ଦ୍ୱିତୀୟ ପତ୍ନୀ ଓ ଛୁଆଙ୍କୁ ଧରି କୁମୁଲି ଗାଁ ଛକ ନିକଟରେ ଥିବା ନିଜ ଚାଷ ଜମି ନିକଟରେ ଘର କରି ରହି ଆସୁଥିଲେ । କିନ୍ତୁ, ଜମିଜମାକୁ କେନ୍ଦ୍ର କରି ପ୍ରଥମ ପତ୍ନୀଙ୍କ ଦୁଇ ପୁଅ ଅସିତ୍ ଓ ବିଶ୍ୱଜିତଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା । ଏପରିକି ୬ ମାସ ତଳେ ଅସିତ୍ ଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିଲା । ଘଟଣାରେ ଅସିତ୍ ଗିରଫ ହୋଇ ଜେଲ୍ ଯାଇଥିଲେ । ଜେଲ୍ ରୁ ଫେରିବା ପରେ ଗତକାଲି ପୁଣି ଅସିତ୍ ଓ ତାଙ୍କ ବାପା ଅମଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହି ସମୟରେ ନିଷ୍ଠୁର ବାପ ଅସିତ୍ ଙ୍କୁ ପିଟି ପିଟି ହତ୍ୟା କରିଥିବା ଥାନାରେ ଏତଲା କରିଥିଲେ ତାଙ୍କ ଭାଇ । ଖବର ପାଇ ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢ଼ୀ ଏବଂ ରାଇଘର ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଂଚି ମୃତ ଅସିତ୍ ଙ୍କ ଶବ ଜବତ କରିଥିଲେ । ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ଘଟଣା ପରେ ଫେରାର୍ ଥିବା ଅଭିଯୁକ୍ତ ବାପକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୋଲିସ ଗିରଫ କରିବାରେ ସଫଳ ହୋଇଛି ।

# ଆଉ ଗୋଟିଏ ଦିନ ପରେ ଦେବସ୍ନାନ ପୂର୍ଣ୍ଣିମା : ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ

ପୁରୀ,୩/୬ (ନି.ପ୍ର): ଆଉ ମାତ୍ର ଗୋଟିଏ ଦିନ ପରେ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ । ଏଥି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଓ ନୀତି ନିର୍ଘଂଟ ସଂପର୍କରେ ସମସ୍ତ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଂଚିଚି । ଏଥି ନିମନ୍ତେ ସ୍ନାନ ମଣ୍ଡପ କୁ ରଙ୍ଗ କରିବା ସହ ରଙ୍ଗ ବେରଙ୍ଗୀ ଚାନ୍ଦୁଆ ରେ ସୁସଜ୍ଜିତ କରାଯାଇଛି । ଆସନ୍ତା କାଲି ଅର୍ଥାତ୍ ୪ ତାରିଖ ଗୁରୁବାର ରାତି ୧ ରେ ମହାପ୍ରଭୁ ଙ୍କର ପହଣ୍ଡି ବିଜେ ଆରମ୍ଭ ହେବ । ଶ୍ରୀମନ୍ଦିର ର ରତ୍ନ ସିଂହାସନ ରୁ ପହଣ୍ଡି ବିଜେ ହୋଇ ଧାଡି ପହଣ୍ଡି ରେ ଚତୁର୍ଦ୍ଧାମୂର୍ତ୍ତି ସ୍ନା ନ ବେଦୀ କୁ ବିଜେ କରିବେ । ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ମଣ୍ଡପରେ ବିଜେ ହେବା ପରେ ଅନ୍ୟାନ୍ୟ ସମସ୍ତ ନୀତି ଅନୁଷ୍ଠିତ ହେବ । ୫ ତାରିଖ ମଧ୍ୟାହ୍ନ ରେ ଶ୍ରୀ ଜିଉ ମାନଙ୍କର ଗଜାନନ ବେଶ ଅନୁଷ୍ଠିତ ହେବ । ଚଳିତ ବର୍ଷ ରାଜ୍ୟ ରେ କରୋନା ପାଇଁ କୋଭିଡ୍-୧୯ ଆଇନ ଲାଗୁ ହୋଇଥିବା ଯୋଗୁଁ ଶ୍ରଦ୍ଧାଳୁ ଭକ୍ତ ମାନେ ମହାପ୍ରଭୁଙ୍କ ର ଏହି ଦୁର୍ଲଭ ଗଜାନନ ବେଶ ଦର୍ଶନ ରୁ ବଂଚିତ ହେବେ । ସିଂହଦ୍ୱାର ଓ ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ଯେପରି ଜନସମାଗମ ନହେବ ସେଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା କାଲି ରାତି ୧୦ ଟା ରୁ ୬ ତାରିଖ ଭୋର ପର୍ଯ୍ୟନ୍ତ ୧୪୪ ଧାରା ବଳବତର କରାଯାଇଛି । ଚଳିତ ବର୍ଷ କରୋନା ପାଇଁ ବିନା ଭକ୍ତରେ ପ୍ରଭୁଙ୍କର ସ୍ନାନ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ । ସ୍ନାନ ପୂର୍ଣ୍ଣିମା ପାଇଁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଟ୍ରାଫିକ୍ ବ୍ୟବସ୍ଥା କୁ ମଧ୍ୟ କଡାକଡି କରାଯାଇଛି । ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ , ବଳଭଦ୍ର ,ଦେବୀ ସୁଭଦ୍ରା ଓ ସୁଦର୍ଶନ ସ୍ନାନ ମଣ୍ଡପରେ ୧୦୮ ଗରା ପାଣି ସ୍ନାନ କରିବା ବିଧି ରହିଛି । ସ୍ନାନ ପୂର୍ଣ୍ଣିମା ଦିନ ରାତିରେ ସ୍ନାନ ମଣ୍ଡପରୁ ଗୋଟି ପହଣ୍ଡି କରାଯାଇ ଶ୍ରୀ ମନ୍ଦିର କୁ ନିଆଯାଇ ଅଣସର ପିଣ୍ଡି ରେ ବିଜେ କରାଯିବାର ବିଧି ରହିଛି ।

# କରୋନା କଟକଣା ପାଇଁ ମହାପ୍ରଭୁଙ୍କ ବିବାହ ଗୁଆଲି ଶୋଭାଯାତ୍ରା ବାହାରିବ ନାହିଁ

ପୁରୀ,୩/୬ (ନି.ପ୍ର): ଆଜି ମହାପ୍ରଭୁଙ୍କ ହୋଇପାରିବ ନାହିଁ ବିବାହ ଗୁଆଲି ଶୋଭାଯାତ୍ରା । କରୋନା କଟକଣା ଯୋଗୁଁ ଶ୍ରୀ ମନ୍ଦିର ପ୍ରଶାସନ ଏଭଳି ନିଷ୍ପତି ନେଇଛି । ଗତକାଲି ରୁକ୍ମଣୀ ଏକାଦଶୀ ତିଥିରେ ମହାପ୍ରଭୁଙ୍କ ବିବାହ ଉତ୍ସବ ଶ୍ରୀମନ୍ଦିର ରେ ଅନୁଷ୍ଠିତ ହୋଇଯାଇଛି । ମାଆ ମହାଲକ୍ଷ୍ମୀ ରୁକ୍ମଣୀ ସାଜିଥିଲେ । ଶ୍ରୀ ମଦନ ମୋହନ ହୋଇଥିଲେ ଶ୍ରୀ କୃଷ୍ଣ ଜଣେ ଛାମୁ ଖୁଂଟିଆ ସେବାୟତ ଶିଶୁ ପାଳ ବେଶ ଧାରଣ କରିଥିଲେ । ଗତକାଲି ସକାଳ ଧୂପ ବସିବା ସମୟରେ ଦକ୍ଷିଣ ଘରେ ମଦନ ମୋହନ କୁ ବେଶ କରାଯାଇଥିଲା । ଧୂପ ପରେ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗ ରୁ ଆଜ୍ଞା ମାଳ ନେଇ ପୁଜାପଣ୍ଡା ଲକ୍ଷ୍ମୀ ଠାକୁରାଣୀ ଙ୍କୁ ଲାଗି କରି ଠାକୁରାଣୀ ଙ୍କୁ ପାଲିଙ୍କି ରେ ନେଇ ଜଗମୋହନ ରେ ବିଜେ କରାଇଥିଲେ । ପରେ ମହାଲକ୍ଷ୍ମୀ ଙ୍କୁ ବିମଳା ଙ୍କ ମନ୍ଦିର ରେ ବିଜେ କରାଯାଇଥିଲା । ପୂର୍ବରୁ ମଦନ ମୋହନ ଙ୍କୁ ବିଜେ କରାଯାଇ ସେବାୟତ ମାନେ ବିମଳା ଙ୍କ ମନ୍ଦିର ନିକଟରେ ଲୁଚି ରହିଥିଲେ । ରୁକ୍ମଣୀ ରୂପୀ ଲକ୍ଷ୍ମୀ ମାଆ ଙ୍କୁ ପୂଜାର୍ଚ୍ଚନା ସାରି ଫେରିବା ବାଟରେ ମହାପ୍ରଭୁ ହରଣ କରିଥିଲେ । ସେବାୟତ ମାନେ ରୁକ୍ମଣୀ ଓ ମଦନ ମୋହନ ଙ୍କୁ ପଟୁଆର ରେ ନେଇ ଲକ୍ଷ୍ମୀ ମନ୍ଦିର ଆଡକୁ ଅଗ୍ରସର ହେଉଥିବା ବେଳେ ଶିଶୁ ପାଳ ଖଣ୍ଡା ରେ ଆକ୍ରମଣ କରିଥିଲା । ଶେଷରେ ଶିଶୁପାଳ ଯୁଦ୍ଧ ରେ ହାରି ବନ୍ଦୀ ହେବା ପରେ ରାମକୃଷ୍ଣ ମୁକୁଳାଇବା ପରେ ମହାପ୍ରଭୁ ବିଳମ୍ବିତ ରାତିରେ ରୁକ୍ମଣୀ ଙ୍କୁ ବିବାହ କରିଥିଲେ ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ଦାବିରେ ଧାରଣା

ଭଦ୍ରକ, ୨ /୬ (ହି.ସ.) - ବାଇପାସ୍ ଛକରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଦୀର୍ଘଦିନ ହେବ ଗାଏବ ହୋଇଯାଇଛି । ବହୁଦିନ ଧରି ପ୍ରତିମୂର୍ତ୍ତିର ଖମ୍ଭ ଭଙ୍ଗା ଅବସ୍ଥାରେ ପଡିରହିଥିବାବେଳେ ଏଥିପ୍ରତି ପ୍ରଶାସନ ନଜର ଦେଉନଥିବା ଅଭିଯୋଗ ହୋଇଆସୁଛି । ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଆଜି ବାଇପାସ୍ ଛକରେ ଥିବା ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଙ୍ଗା ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ । ରାଜ୍ୟ ତଥା ଦେଶର ଗର୍ବ ଓ ଗୌରବ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ନିଜ ଜିଲାରେ ଉପେକ୍ଷାହ କରାଯିବା ଘଟଣାକୁ ନେଇ ଜିଲାରେ ତୀବ୍ର ନିନ୍ଦା କରାଯାଇଛି । ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ଦ୍ୱାରା ରଚୟିତ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ କିଛିଦିନ ତଳେ କରୋନା ଯୋଦ୍ଧାଙ୍କ ସମ୍ମାନ ଜଣାଇବା ପାଇଁ ସାରାହ ରାଜ୍ୟବାସୀଙ୍କ ପକ୍ଷରୁ ଗାନ କରାଯାଇଥିଲା । କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ଜିଲାରେ ମଧ୍ୟ ଏହି ସଂଗୀନ ଗାନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । କିନ୍ତୁ ପରିତାପର ବିଷୟ ଜିଲା ପ୍ରଶାସନ ଭୁଲିଯାଇଥିଲା, ଯେ ଆମେ ଯେଉଁ ସଂଗୀତ ଗାନ କରୁଛନ୍ତି, ସେ ବ୍ୟକ୍ତିତ୍ୱ ଆମ ଜିଲାର ସନ୍ତକ । କିନ୍ତୁ କେଉଁ ପରିସ୍ଥିତିରେ ଖୋଦ୍ ନିଜ ଜିଲାରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଅସମ୍ମାନ କରାଗଲା, ତାକୁ ନେଇ ଉଠିଛି ପ୍ରଶ୍ନ । ବହୁବାର ବିଭିନ୍ନ ସଂଗଠନ ଓ ଗଣମାଧ୍ୟମରେ ଏ ନେଇ ପ୍ରତିବାଦ କରାଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିପ୍ରତି ସାମାନ୍ୟ ଗୁରୁତ୍ୱ ଦେଉନାହିଁକି ପ୍ରତିମୂର୍ତ୍ତି କାମ ଆରମ୍ଭ କରୁନି । ଯଦି ଆଗାମୀ ୭ ଦିନ ମଧ୍ୟରେ ବାଇପାସ୍ ଠାରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ତିଆରି ହୋଇନଥିବ ତାହେଲେ ଭଦ୍ରକ ଜିଲାରେ ସାଧାରଣ ଜନତା ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କହିଛନ୍ତି ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ।

# ଖରିଫ୍ ଫସଲର ଏମଏସ ଘୋଷଣା କୃଷକମାନଙ୍କ ପ୍ରତି ଉପହାସ : ଓଡିଶା କୃଷକ ସଭା

ଭୁବନେଶ୍ୱର,୩/୬ (ନି.ପ୍ର): କେନ୍ଦ୍ର ସରକାର ୨୦୨୦-୨୧ ଖରିଫ୍ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି । ଜାତୀୟ କୃଷକ କମିଶନର ସୁପାରିଶ ଅନୁଯାୟୀ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୁଲ୍ୟ (ଏମ୍ ଏସ୍ ପି) ମୋଟ ଉତ୍ପାଦନ ଖର୍ଚ୍ଚ + ଉତ୍ପାଦନ ଖର୍ଚ୍ଚର ୫୦ ଭାଗ ଦେବା ପାଇଁ ନିର୍ଦ୍ଦେଶ ରହିଛି । ଗତ ବର୍ଷ ଅପେକ୍ଷା ଧାନ କୁଇଂଟାଲ ପ୍ରତି ମାତ୍ର ୩% ବୃଦ୍ଧି ପାଇଛି । ୨୦୧୯-୨୦ ରେ ଧାନ କୁଇଂଟାଲ ପ୍ରତି ୧୮୧୫ ଟଙ୍କା ଥିଲା ଏବଂ ବର୍ତ୍ତମାନ ୨୦୨୦-୨୧ ପାଇଁ ସରକାର ୧୮୬୮ ଟଙ୍କା ଘୋଷଣା କରିଛନ୍ତି । ଏହା ଚାଷୀଙ୍କ ପ୍ରତି ଉପହାସ ବୋଲି ଓଡିଶା କୃଷକ ସଭା ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରା ଏବଂ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତି ରେ କହିଛନ୍ତି ଯେ ସରକାର ଧାନ ଉତ୍ପାଦନରେ ହେଉଥିବା ଖର୍ଚ୍ଚକୁ ଅବମୂଲ୍ୟାୟନ କରି କୁଇଂଟାଲ ପ୍ରତି ମାତ୍ର ୫୩ଟଙ୍କା ବୃଦ୍ଧି କରିଛନ୍ତି । ବିଭିନ୍ନ ଫସଲରେ ଏହି ମୂଲ୍ୟ ବୃଦ୍ଧି ୫୦% ରୁ ୮୩% ପର୍ଯ୍ୟନ୍ତ ହୋଇଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଯାହା କହିଛନ୍ତି ତାହା ସଂପୂର୍ଣ୍ଣଭାବେ ମିଥ୍ୟା ଅଟେ । ବାଜର. ମକା, ଯଅ, ମାଣ୍ଡିଆ, ହରଡ ଡାଲି, ମୁଗ, ବିରି, ବାଦାମ , ସୋୟାବିନ୍ , ରାଶି, ସୂର୍ଯ୍ୟମୁଖୀ ଫୁଲ, କପା, ନିଗେର ମଞ୍ଜି ପ୍ରଭୃତି ୧୪ଟି କୃଷିଜାତ ଦ୍ରବ୍ୟର ଏମ୍.ଏସ୍.ପି. ଘୋଷଣା କରାଯାଇଛି । କୌଣସିଟି ଫସଲରେ ସରକାର ମୋଟ ଉତ୍ପାଦନ ଖର୍ଚ୍ଚ + ୫୦% କୁ ଆଦୌ ହିସାବକୁ ନେଇନାହାଁନ୍ତି । ଓଡିଶା କୃଷକ ସଭା ରାଜ୍ୟ କମିଟି କେନ୍ଦ୍ର ସରକାରଙ୍କ ଏହି କୃଷକ ବିରୋଧୀ ନିଷ୍ପତିକୁ ଦୃଢ ପ୍ରତିବାଦ ଏବଂ ନିନ୍ଦା କରିବା ସହିତ ମହାମାରୀ ସମୟରେ କୃଷକମାନଙ୍କ ପ୍ରତି ଆଉ ଏକ କ୍ରୁର ଉପହାସ ବୋଲି ପ୍ରକାଶ କରିଛି । ଏମ୍.ଏସ୍. ସ୍ୱାମିନାଥନ୍ ଜାତୀୟ କୃଷକ କମିଶନ ସୁପାରିଶ ଅନୁଯାୟୀ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଉ । ଓଡିଶାରେ ଧାନ କୁଇଂଟାଲ ପ୍ରତି ୩୦୦୦ଟଙ୍କା ଘୋଷଣା କରିବା ପାଇଁ କୃଷକ ସଭା ଦାବି କରିଛି ।

# ସ୍ନାନଯାତ୍ରା ପାଇଁ ଆଜି ଶ୍ରୀ ମନ୍ଦିର ମଧ୍ୟରେ ଦୈତାପତି ପ୍ରବେଶ କରିବେ

ପୁରୀ,୩/୬ (ନି.ପ୍ର): ଘୋଷ ଯାତ୍ରା ପାଇଁ ଆଜି ଶ୍ରୀମନ୍ଦିର ଭିତରକୁ ଦୈତାପତି ସେବାୟତ ମାନେ ପ୍ରବେଶ କରିବେ । ସ୍ନାନପୂର୍ଣ୍ଣମୀ ନୀତି କୁ ନଜରରେ ରଖି ଦୈତାପତି ମାନେ ଆଜିଠାରୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ । ଆଜି ସଂନ୍ଧ୍ୟା ଧୂପ ଶେଷ ହେବା ପରେ ଦୈତାପତି ମାନେ ମହାପ୍ରଭୁଙ୍କ ବାହୁଟ କଂଟ ଲାଗି କରିବେ । ତେବେ ମହାପ୍ରଭୁଙ୍କ ସେନାପଟା ଲାଗି ଓ ବାହୁଟ କଂଟ ପାଇଁ ଗତକାଲି ରାତିରେ ସାକ୍ଷୀଗୋପାଳ ହାଟ ସାହି ର ଋଷିକେଶ ମହାନ୍ତି ଙ୍କ ବଗିଚାରେ ଥିବା ବଉଳ ଗଛ କୁ ସ୍ନାନ ଓ ରଥଯାତ୍ରା ପାଇଁ ଆବଶ୍ୟକୀୟ ସେନାପଟା ଓ ବାହୁଟ ସେବା ନିମନ୍ତେ ଆବଶ୍ୟକୀୟ ମାପ ଅନୁଯାୟୀ ଛେଦନ କରାଯାଇଥିଲା । ୬ ଫୁଟଲମ୍ବ ଓ ୩ ଫୁଟ ଗୋଲେଇ ବିଶିଷ୍ଟ ବଉଳ କାଠ କୁ ଏମାର ମଠ ଶଗଡ ରେ ଲଦାଯାଇ ସେଥିରେ ପାଟ ବସ୍ତ୍ର ଆଚ୍ଛାଦିତ କରାଯାଇ ଶ୍ରୀକ୍ଷେତ୍ର ଅଭିମୁଖେ ପଠାଯାଇଥିଲା । ଗତକାଲି ରାତିରେ ଶ୍ରୀକ୍ଷେତ୍ର ରେ ଶଗଡି ପହଂଚିବା ପରେ ବଉଳ କାଠ କୁ ଦୋଳବେଦୀ କୋଣ ରେ ରଖାଯାଇଛି ।

# ସ୍ମାର୍ଟ ସିଟି ରାଉରକେଲାରେ ୭୯ ପରିବାରକୁ ପାନୀୟ ଜଳ ଯୋଗାଣ ଲାଗି ୮ ବର୍ଷ ବିତିଲାଣି: ସମସ୍ୟାର ସମାଧାନ ହୋଇପାରୁନି

## ଅଧିକାରୀ କହିଲେ ୧୫ ଦିନରେ ଦେଖିବା

ରାଉରକେଲା,୩।୬ (ନି.ପ୍ର): ରାଉରକେଲା ସ୍ମାର୍ଟ ସିଟି । ଏହା ଭିତରେ ରହିଛି ସର୍ବବୃହତ କଲୋନୀ ଛେଣ୍ଡ । ଏହାର ୭୯ ଟି ପରିବାର ବିଗତ ୮ ବର୍ଷ ଧରି ପାଣି ଲାଗି ହାଉସିଂବୋର୍ଡ ନିକଟରେ ଯେତେ ଗୁହାରୀ କଲେ ବି ବୋର୍ଡ କର୍ତ୍ତୃପକ୍ଷ ଆଜିଯାଏ ସେ ସମସ୍ୟାର ସମାଦାନ କରିପାରିଲେ ନାହିଁ । ଏନେଇ ଆଜି କଲୋନୀ ବାସିନ୍ଦା ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ବୋର୍ଡର ରାଉରକେଲା ଅଧିକାରୀଙ୍କୁ ଭେଟିବାରୁ ସେ କହିଲେ ୧୫ ଦିନ ଭିତରେ ସମାଧାନ ଲାଗି ଦେଖିବା । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯଦି ୧୫ ଦିନ ଭିତରେ ଏସବୁ ହେବା କଥା ତେବେ ୮ ବର୍ଷ ଧରି ଏହା କାହିଁକି ପଡି ରହିଥିଲା ଓ କଲୋନୀର ୭୯ ପରିବାର ଆଜି ପାଣିଲାଗି କାହିଁକି ହିନସ୍ତା ଭୋଗୁଥାନ୍ତେ, ନାନା ସମସ୍ୟା ଦେଇ ଗତି କରୁଥାନ୍ତେ, ହେଲେ ଏହାର ଉତର କିଏ ଦେବ । ରାଉରକେଲା ଛେଣ୍ଡ କଲୋନୀ ୩ୟ ଫେଜ୍ କଳିଙ୍ଗ ବିହାରରେ ବର୍ତମାନର ବିଧାୟକ ସାରଦା ନାୟକ ବିଭାଗୀୟ ମନ୍ତ୍ରୀ ଥିବା ବେଳେ ୭୯ଟି ପ୍ଲଟ ବାହାରିଥିଲା । ଏଥିରେ ନିଲାମ ହୋଇ ଅନେକ ପ୍ଲଟ ବିକ୍ରୀ ହୋଇଥିବା ବେଳେ ଲଟେରୀ ମାଧମରେ କିଛି ପ୍ଲଟ ଲୋକଙ୍କୁ ମିଳିଥିଲା ।ଏହାର ସମସ୍ତ ପ୍ରକାର ଉନ୍ନତି ଯଥା ପାଣି, ବିଜୁଳି ଓ ରାସ୍ତା ଲାଗି ମଧ ହାଉସିଂ ବୋର୍ଡ ଲୋକଙ୍କ ଠାରୁ ଅର୍ଥ ନେଇଥିଲା । ମୋଟା ମୋଟି ଏହି ପ୍ଲଟ୍ କାରବାରରେ ସରକାରଙ୍କର ହାଉସିଂ ବୋର୍ଡ ଅନେକ ଲାଭବାନ୍ ହୋଇଥିଲା । ହେଲେ ପ୍ଲଟ ଆବଂଟନକୁ ୮ ବର୍ଷ ବିତିଲା, କିନ୍ତୁ ପାଣି ଟୋପେ ଏହି କଲୋନୀ ଲୋକଙ୍କୁ ଆଜିଯାଏ ମିଳିଲା ନାହିଁ । ପାଇପ୍ ଲାଇନ ବିଛା ଯାଇଛି, ହେଲେ ଠିକାଦାରଙ୍କର କିଛି ଅର୍ଥ ହାଉସିଂବୋର୍ଡ ପାଖରେ ପଡି ରହିଥିବାରୁ ସମ୍ପୃକ୍ତ ଠିକାଦାର ମୁଖ୍ୟ ପାଣି ଲାଇନ୍ ସହ କଲୋନୀ ପାଣି ଲାଇନକୁ ସଂଯୋଗ ଦେଇ ନଥିବାରୁ ପାଣି ଆସୁନାହିଁ । ଠିକାଦାର ଏହି ଅର୍ଥ ପାଇବା ଲାଗି ନ୍ୟାୟାଳୟର ଆଶ୍ରୟ ନେଇଥିବା ବେଳେ,ଏହାର ସମାଧାନ ଲାଗି ରାଉରକେଲା ଅଫିସ କିମ୍ବା ଭୁବନେଶ୍ୱର ମୁଖ୍ୟ ଅଫିସ କେହି ଆଜିଯାଏ ଉଦ୍ୟମ କରୁନଥିବା ଅଭିଯୋଗ ହୋଇଛି । ଏହାରି ଭିତରେ ମହାନଗର ନିଗମ ଠିକାଦାର ନାଳ ତିଆରି କରୁଥିବା ବେଳେ ଏହି ପାଇପ୍ ଲାଇନର କିଛି ଅଂଶକୁ ତାଡି ଦେଇ ସମସ୍ୟାକୁ ଦ୍ୱିଗୁଣିତ ମଧ କରିଦେଇଛନ୍ତି । ଏଭଳି ସ୍ଥିତିରେ କଲୋନୀରେ ରହୁଥିବା ଲୋକେ ତାଙ୍କ କୂଅରୁ ପାଣି ପାଉନଥିବା ବେଳେ ନଳକୂପ ମଧ ପାଣି ଦେଇପାରୁ ନାହିଁ । କଲୋନୀରେ ରହୁଥିବା ଲୋକେ ନିଜକୁ ସ୍ମାର୍ଟ ସିଟିର ବାସିନ୍ଦା ବୋଲି ପରିଚୟ ଦେବାକୁ ଦୁଃଖ ପ୍ରକାଶ କରୁଛନ୍ତି । ଆଜି ଏନେଇ କଲୋନୀର ବିଦ୍ୟାଧର ପତି, ରାଜେଶ ପାଣ୍ଡେ, ଜୟଶ୍ରୀ ମାଡାମ, ଆଲୋକ ରାୟ, ସଦାନନ୍ଦ ସାହୁ, ସାନ୍ତନୁ ଦାସ ଓ ରିଙ୍କି ଅଧିକାରୀ ପ୍ରମୁଖ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆବୋଲି ସୁନୀଲ ନର୍ଭାଣେଙ୍କ ଉଦ୍ଦେଶ୍ୟରେ ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହା ପରେ ହାଉସିଂବୋର୍ଡ ରାଉରକେଲା ଅଧିକାରୀଙ୍କୁ ଏହାର ଏକ ନକଲ ଦେବା ପରେ ସେ କହିଛନ୍ତି ୧୫ ଦିନ ଭିତରେ ସମସ୍ୟାର ସମାଧାନ ଲାଗି ଚେଷ୍ଟା କରାଯିବ । ତେବେ ଏହାର ନକଲ ସୁନ୍ଦରଗଡ ଜିଲ୍ଲାପାଳ, ହାଉସିଂବୋର୍ଡ ଅଧକ୍ଷଙ୍କୁ ମଧ ପଠାଯାଇଥିବା କୁହାଯାଇଛି ।

# କୋଭିଡ ସଂକ୍ରମଣ ବେଳେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର : ୮୪ ୟୁନିଟ୍ ସଂଗୃହିତ



ଜଳେଶ୍ୱର,୩।୬(ନିପ୍ର) : ଗତ କିଛିଦିନ ଧରି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ କରାଇ କୋଭିଦ୍ ସମୟରେ ଥାଲାସେମିଆ , ଗର୍ଭଗତି ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ରକ୍ତ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି । ଆଜି ଜଳେଶ୍ୱର ଦେବୀ ଫିଲିଂ ଷ୍ଟେସନରେ ଏକ ଭ୍ରାମ୍ୟମାଣ ରକ୍ତ ଦାନ ଶିବର ଅନୁଷ୍ଠିତ ହୋଇଥିଲା । ଏହାକୁ ସମାଜସେବୀ ପ୍ରବୀର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଡା. ମହେଶଚନ୍ଦ୍ର ବିଶ୍ୱାଳ, ଦେବାଶିଷ ଦତ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହାୟତା କରିଥିବା ବେଳେ କମଳଚକ୍ରବର୍ତ୍ତୀ, ପ୍ରଶାନ୍ତ ପ୍ରଧାନ, ସୁବ୍ରତ ରଣା, ସଂଜୟ ମହାନ୍ତି, ମନୋରଂଜନ ଦାସ, ଡ. ଅଜିତ୍ କୁମାର ମହାନ୍ତି, ଆଶିଷ ଗିରି, ସୁକୁମାର ରଣା, ଜୟଦେବ ଦାସ, ରଣଜିତ୍ ପରିଡା, ମଣିଶଂକର ଦେ, ସଂଜୟ ଜେନା, ରାଜିବ ସେଠୀ, ପ୍ରେମାନନ୍ଦ ମଲ୍ଲିକ, ରାଧାଶ୍ୟାମ କର, ହରିଶଂକର ବେହେରା, ଶିବ ଶଂକର ଦାସ, ରାକେଶ ପ୍ରଧାନ, ସମ୍ୟରଂଜନ ପ୍ରଧାନ, ବିନୋଦ ବିହାରି ଦାସ, ସହେଦ ଦିଲଦାର ପ୍ରମୁଖ ପରିଚାଳନା କରିଥିଲେ । ଏଠାରେ ୨୮ୟୁନିଟ୍ ସଂଗୃହୀତ ହୋଇଥିଲା । ସେହିପରି ଶାଳିକୋଠାଠାରେ ଅନ୍ୟଏକ ରକ୍ତଦାନ ଶିବିରକୁ ଗଣେଶ ଚନ୍ଦ୍ର ପରିଡା ଉଦ୍‌ଘାଟନ କରିଥିଲେ । କିଶୋର ବିନୋଦ ଯୁବକସଂଘ, ରୋଟାରୀକ୍ଲବ ସୁବର୍ଣ୍ଣରେଖା ରାଇବଣିଆର ଆନୁକୂଲ୍ୟରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଡ. ଅଜିତ୍ କୁମାର ମହାନ୍ତି, ସଂପାଦକ ବିଜୟ କୁମାର ଗିରି, ପ୍ରଦୀପ ମହାନ୍ତି, ଜିତ୍ ଜୟପ୍ରକାଶ ଜେନା, ଗୌରୀଶଂକର ପଣ୍ଡା, ତାରାଶଂକର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅମୃତ ପ୍ରଧାନ, ଶକ୍ତିଦତ୍ତ ଭୂୟାଁ, କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ଅଂଶୁମାନ ମହାନ୍ତି, ସୁକୁମାର ରଣା, ଆଶିଷ ଗିରି ପ୍ରମୁଖ ସହାୟତା କରିଥିଲେ । ଏଥିରେ ୨୩ୟୁ ନିଟ୍ ସଂଗୃହିତ ହୋଇଥିଲା । ଚକବିଷ୍ଣୁ-ଭାଦା ସ୍ଥିତ ଏନ୍‌ଏସ୍ ନୋଡାଲ ୟୁପିସ୍କୁଲରେ ଗତ ୧ତାରିଖରେ ଅନୁଷ୍ଠିତ ରକ୍ତଦାନ ଶିବରରେ ୩୩ୟୁନିଟ୍ ସଂଗୃହିତ ହୋଇଥିଲା । ଡ. ପ୍ରଶାନ୍ତ ଦାସ, ରୁଚିକା ଖୁରାନା, ସ୍ୱାଗତିକା ପାଣିଗ୍ରାହୀ, କରୁଣାକର ଜେନା, ସଂମ୍ଭୁନାଥ ପଲେଇ, ମାଖନଲାଲ ବେରା, ସିବାନୀ ସେନ୍, ରାଜକିଶୋର ସିଂ, ତୃପ୍ତିଲତା ଭୂୟାଁ, ପ୍ରମେୟ ସେନ୍, ହରିହର ଭଂଜ ପ୍ରମୁଖ ପରିଚାଳନା କରିଥିଲେ ।

# ମହେନ୍ଦ୍ର ହେଲେ ସାଂସଦଙ୍କ ପାରାଦୀପ ପ୍ରତିନିଧୀ

ପାରାଦୀପ,୩।୬ (ନି.ପ୍ର): ପାରାଦୀପର ଜଣାଶୁଣା ଯୁବନେତା ଶ୍ରୀ ମହେନ୍ଦ୍ର ପରିଡା ଜଗତସିଂହପୁର ଲୋକସଭା ସାଂସଦ ଡା. ରାଜଶ୍ରୀ ମଲ୍ଲିକ୍ ଙ୍କର ପାରାଦୀପ ପୌରାଂଚଳ ପ୍ରତିନିଧୀ ଭାବେ ମନୋନିତ ହୋଇଛନ୍ତି । ପାରାଦୀପରେ ବିଜୁ ଜନତା ଦଳର ସଂଗଠନକୁ ମଜବୁତ୍ କରିବା ଏବଂ ଯୁବ ବିଜେଡି ଓ ଛାତ୍ର ବିଜେଡି ର ଦକ୍ଷତା ବୃଦ୍ଧି କରିବା ପାଇଁ ସାଂସଦ ଡା. ମଲ୍ଲିକ୍ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ନୂତନ ଗୁରୁଦାୟିତ୍ୱ ଦେଇଛନ୍ତି । ମହେନ୍ଦ୍ରଙ୍କୁ ସାଂସଦଙ୍କ ପ୍ରତିନିଧୀ ଭାବେ ମନୋନିତ କରାଯିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଛାବାର୍ତା ମିଳିବାରେ ଲାଗିଛି । ଏଥିସହ ମହେନ୍ଦ୍ରଙ୍କ ନିଯୁକ୍ତିକୁ ନେଇ ଦଳର କର୍ମକର୍ତା ଓ ଦଳିୟ କର୍ମିମାନେ ବେଶ୍ ଉତ୍ସାହିତ ଅଛନ୍ତି । ବିଜୁ ଜନତା ଦଳର ପାରାଦୀପ ନଗର ସଭାପତି ବସନ୍ତ ବିଶ୍ୱାଳ, ପୁର୍ବତନ ପାରିଷଦ ଶଙ୍କର ରାଉତ, ଯୁବନେତା ଉଲ୍ଲାସ ବିଶ୍ୱାଳ, ବରିଷ୍ଠ ଆଇନଜିବୀ ସୁରେଶ ଚନ୍ଦ୍ର ଦାସ ଓ ନାରୀନେତ୍ରୀ ନଳିନୀପ୍ରଭା ସାହୁ ଙ୍କ ସମେତ ଦଳର ବରିଷ୍ଠ ନେତା ଏବଂ ଅନେକ ଯୁବ ଓ ଛାତ୍ର ନେତାମାନେ ଶ୍ରୀ ପରିଡାଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି । ତେବେ ସାଂସଦ ତାଙ୍କ ଉପରେ ଆସ୍ଥା ପ୍ରକଟକରି ନିଜର ପ୍ରତିନିଧୀ ଭାବେ ଦାୟିତ୍ୱ ଦେଇଥିବାରୁ ଆଗାମି ଦିନରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବିନ ପଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କାର୍ଯ୍ୟ ସୁଚାରୁରୁପେ କରାଯିବାସହ ଦଳିୟ ସଂଗଠନକୁ ମଜବୁତ୍ କରାଯିବା ପାଇଁ ପଦକ୍ଷେପ ନିଆଯିବ । ପାରାଦୀପ ନିର୍ବାଚନ ମଣ୍ଡଳୀରେ ଦଳିୟ ନେତାମାନେ ଏକଜୁଟ୍ ଅଛନ୍ତି ଏବଂ ଆଗକୁ ମଧ୍ୟ ଏକଜୁଟ୍ ରହିବେ ଏଥିରେ ସନ୍ଦେହ ନାହିଁ । ତେବେ ମାନନିୟା ସାଂସଦ ଓ ବିଧାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ କରିବାସହ ଛାତ୍ର ଓ ଯୁବ ସଂଗଠନକୁ ଅଗ୍ରାଧିକାର ଦିଆଯିବ ବୋଲି ନିଜର ପ୍ରତିକ୍ରିୟାରେ ନବନିଯୁକ୍ତ ସାଂସଦ ପ୍ରତିନିଧୀ ଶ୍ରୀ ପରିଡା କହିଛନ୍ତି । ଏଥିସହ ସେ ଉଭୟ ସାଂସଦ ଓ ବିଧାୟକଙ୍କୁ ସାକ୍ଷାତକରି କୃତଜ୍ଞତା ଜଣାଇଛନ୍ତି ।

# କଳିଙ୍ଗ ରୋପ୍ ଫ୍ୟାକ୍ଟ୍ରିରେ ଭୀଷଣ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କା ମୂଲ୍ୟର କତା ସାମଗ୍ରୀ ଓ ଦୁଇ ବାଇକ୍ ଜଳିଗଲା
## ୧୪ ଘଂଟା ପରେ ନିଆଁକୁ ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ

ପିପିଲି,୩।୬ (ନି.ପ୍ର): ପୁରୀ-ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥର ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ସାତଶଙ୍ଖ ସିରିଆପୁର ନିକଟ କଳିଙ୍ଗ ରୋପ୍ ଫ୍ୟାକ୍ଟ୍ରିରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଗୋଦାମରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର କତା ରଶି, ପାଂପଚ୍ ଆଦି ପୋଡି ପାଉଁଶ ହୋଇଯାଇଛି । ନିଆଁରେ ଦୁଇଟି ବାଇକ୍ ଜଳି ଯାଇଛି । ଗତକାଲି ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ନିଆଁ ଲାଗିଥିଲା । ଖବର ପାଇ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଦୀର୍ଘ ୧୪ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଅହରହ ଚେଷ୍ଟା ଜାରୀ ରଖିବା ପରେ ନିଆଁକୁ ଆୟତ କରିବାରେ ସଫଳ ହୋଇଛନ୍ତି । ସର୍ଟସର୍କିଟ୍ ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ନିଆଁର ଧାସ ଏତେ ପ୍ରଖର ଥିଲା ଯେ, ଅଗ୍ନିଶମ କର୍ମଚାରୀ ମାନେ ଭିତରକୁ ଯାଇ ସ୍ଥିତିର ଯାଂଚ୍ କରିବା ପ୍ରାଥମିକ ପର୍ଯ୍ୟାୟରେ ସମ୍ଭବ ନଥିଲା । ପ୍ରଥମେ ଗୋଦାମର ତଳ ମହଲାରେ ଏହି ନିଆଁ ଲାଗିଥିଲା ଏବଂ ଚାହୁଁ ଚାହୁଁ ଉପର ମହଲାକୁ ନିଆଁ ବ୍ୟାପୀ ଥିଲା । ଆଉ ଭୀଷଣ ରୂପ ନେଇ ନିଜର ଲେଲିହାନ ତେଜରେ ସମ୍ପୂର୍ଣ୍ଣ କୋଠାକୁ କବଜା କରି ନେଇଥିଲା । ଏନେଇ ଅଧିକ ସୂଚନା ଦେଇ ଘଟଣାସ୍ଥଳରେ ଉପସ୍ଥିତ ଥିବା କେନ୍ଦ୍ରାଂଚଳ ଅଗ୍ନିଶମ ଅଧିକାରୀ ଭାବଗ୍ରାହୀ ଘଡ଼େଇ କହିଛନ୍ତି ଯେ, ଗତକାଲି ରାତି ପ୍ରାୟ ୧୧ଟା ଠାରୁ ନିଆଁ ଲିଭା କାର୍ଯ୍ୟ ଜାରୀ ରହିଛି । ମୋଟ୍ ୫ଟି ଦମକଳ ଓ ୩୦ କର୍ମଚାରୀ ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସର୍ଟ ସର୍କିଟ୍ ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ସେହିପରି ସାକ୍ଷିଗୋପାଳ ଅଗ୍ନିଶମ କାର୍ଯ୍ୟାଳୟର ଅଧିକାରୀ ମନୋଜ କୁମାର ପାତ୍ର କହିଛନ୍ତି ଯେ, ରାତି ପ୍ରାୟ ୧୧ଟା ୧୦ ମିନିଟ୍ ସମୟରେ ଏନେଇ ଖବର ପାଇଥିଲୁ । ତୁରନ୍ତ ଘଟଣାସ୍ଥଳରେ ଆସି ପହଂଚି ଥିଲୁ । ନିଆଁ ଲିଭା କାର୍ଯ୍ୟରେ ମୋଟ୍ ୫ଟି ଦମକଳ ଗାଡି ନିୟୋଜିତ ହୋଇଛି । ସତ୍ୟବାଦୀରୁ ଦୁଇଟି, ପୁରୀରୁ ଗୋଟିଏ, ପିପିଲିରୁ ଦୁଇଟି ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିପରି ପାଣି ବୁହା କାର୍ଯ୍ୟରେ ଦୁଇଟି ବଡ଼ ପମ୍ପ ଓ ଦୁଇଟି ଛୋଟ ପାଣି ପମ୍ପ ବ୍ୟବହାର କରାଯାଇଛି । ଅନ୍ୟପକ୍ଷରେ ରୋପ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଯୋଗୁଁ ସତ୍ୟବାଦୀ ଓ ପିପିଲି ବ୍ଲକର କେତେକ ଅଂଚଳ ଦୀର୍ଘ ୧୪ ଘଂଟା ଧରି ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବା ଜଣାପଡିଛି ।

# କଂଟେନମେଂଟ ଜୋନ୍‌ରେ ପୁଲିସକୁ ଆକ୍ରମଣ ମାମଲା : ୩୧ ଗିରଫ

ରାଉରକେଲା,୩।୬ (ନି.ପ୍ର): ରାଉରକେଲା କଂଟେନମେଂଟ ଇଲାକାରେ ଗତ ୨୬ ତାରିଖରେ କିଛି ଉତ୍ୟେକ୍ତ ଲୋକ କାହିଁକି କଂଟେନମେଂଟ ଉଠିଲା ନାହିଁ ଯୁକ୍ତି ବାଢ଼ି ପୁଲିସ ଉପରକୁ ଟେକା ପଥର ମାଡ କରିବା ସହ ବ୍ୟାରିକେଟ ଭାଙ୍ଗିବା ମାମଲାରେ ରାଉରକେଲା ପୁଲିସ ୨ଟି ମାମଲା ରୁଜୁ କରି ଗତକାଲି ୩୧ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ଗିରଫଦାରି ସଂଖ୍ୟା ଆଗକୁ ଆହୁରି ବଢିବ ବୋଲି ଆଶା କରାଯାଉଛି । ସେପଟେ ଏହି ଘଟଣା ଦିନ ଜଣେ ସାମ୍ବାଦିକଙ୍କୁ ମାଡ ମରାଯାଇଥିବା କୁହାଯାଉଥିବା ବେଳେ ସେ, ଏନେଇ ଏତଲା ନକରିବା ଓ ଏହାକୁ ନେଇ ୩ୟ ମହଲାକୁ ଯୋଡି ବାଃ ବାଃ ନେଉଥିବା ବ୍ୟକ୍ତି ବିଶେଷ ମାନଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିବା ଖବର ମିଳିଛି । ଗତକାଲି ଭିତରେ ୩ ଜଣ ଅଧିକାରୀ ଏହି ବ୍ୟକ୍ତି ମାନଙ୍କୁ ଚିହ୍ନଟ କରି ଗିରଫ କରିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟ ସେମାନଙ୍କ ଜାମିନ ଅଗ୍ରାହ୍ୟ କରିଦେବାରୁ ଅଭିଯୁକ୍ତ ମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗତକାଲି ପଶ୍ଚିମାଂଚଳ ଡିଆଇଜି କବିତା ଜଲାନ ଓ ରାଉରକେଲା ଏସପି କେ. ଶିବା ଶୁବ୍ରମଣୀ ଏନେଇ ସୂଚନା ଦେଇଥିବା ବେଳେ ମାମଲାରେ ଗିରଫଦାରୀ ସଂଖ୍ୟା ଆଗକୁ ଆହୁରି ବଢିବ ବୋଲି ଖବର ମିଳିଛି । ଏଥିରୁ ଜଣାପଡୁଛି ବିଳମ୍ବରେ ହେଲେ ମଧ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ।

## ବିଭିନ୍ନ ଜିଲ୍ଲାରେ କରୋନାର ସ୍ଥିତି
# ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୯୯ ହେଲା

ଭୁବନେଶ୍ୱର,୩।୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବଢିବାରେ ଲାଗିଛି । । କରୋନା ଆକ୍ରାନ୍ତ ଜିଲ୍ଲାଙ୍କ ସୂଚୀରେ ଗଂଜାମ ଜିଲ୍ଲା ଆଜି ସବୁଠାରୁ ଆଗରେ ରହିଛି । ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୪୯୯ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବର୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୨୯୦ ଓ ଖୋର୍ଧା ଜିଲ୍ଲାରେ ୧୭୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୭୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୧୬୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସେହିପରି ଭଦ୍ରକ ଜିଲ୍ଲାରେ ୧୨୩ ଜଣ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରେ ୯୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୧୦୨ ଜଣ, ଜଗତସିଂହପୁର ଜିଲ୍ଲାରେ ୮୬ ଜଣ ଓ ନୟାଗଡ ଜିଲ୍ଲାରେ ୬୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୬୦ ଜଣ ସଂକ୍ରମିତ ହୋଇଥିବାବେଳେ ଗଜପତି ଜିଲ୍ଲାରେ ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରେ ୩୪ ଜଣ ଆକ୍ରାନ୍ତ, ଚିହ୍ନଟ ହୋଇଥିବାବେଳେ ଦେବଗଡ ଜିଲ୍ଲାରେ ୩୩ ଜଣ, କେନ୍ଦୁଝର ଜିଲ୍ଲାରେ ୩୦ ଜଣ. ମୟୁରଭଂଜ ଜିଲ୍ଲାରେ ୩୫, ଅନୁଗୁଳ ଜିଲ୍ଲାରେ ୨୯ ଜଣ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୨୨,ମାଲକାନଗିରି ଜିଲ୍ଲାରେ ୨୧ ଜଣ . ଢେଙ୍କାନାଳ ଜିଲ୍ଲାରେ ୨୧ ଜଣ, କଳାହାଣ୍ଡି ଜିଲ୍ଲାରେ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । । ସମ୍ବଲପୁର ଜିଲ୍ଲାରେ ୧୫ ଜଣ ଓ ବରଗଡରେ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁରରେ ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନବରଂଗପୁର ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡାରେ ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

# ସଚେତନ ନାଗରିକ ମଂଚ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଜଳେଶ୍ୱର,୩।୬(ନିପ୍ର) : ଜଳେଶ୍ୱର ପୌରପରିଷଦରେ କେତେକ ଅନୀୟମିତତା ଅଭିଯୋଗରେ ମଂଗଳବାର ସ୍ଥାନୀୟ କେତେକ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସଚେତନ ନାଗରିକ ମଂଚ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୧୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ନିର୍ମାଣ ଶ୍ରମିକ ଠିକ୍‌ଭାବେ ଚୟନ ହୋଇନଥିବା, ତୃଟିପୂର୍ଣ୍ଣ ଉଠାଦୋକାନୀ ଚୟନ୍ତ, କରୋନା ସମୟରେ ରନ୍ଧାଖାଦ୍ୟ ଯୋଗାଣରେ ଅନିୟମିତତା, ରେସନକାର୍ଡ ଚୟନରେ ଅନିୟମିତତା, ଡିଲର ମାନଙ୍କ ଦ୍ୱାରା ଖାଉଟି ସାମଗ୍ରୀର ବାଟମାରଣା, ସିଇଓଙ୍କ କାର୍ଯ୍ୟ ତଦନ୍ତଭୁକ୍ତ ହେବା, ଜାତୀୟ ଶ୍ରମ ଯୋଜନାରେ ସ୍ୱୟଂ ସହାୟିକ ଗୋଷ୍ଠି ଚୟନ ନ କରି କାର୍ଯ୍ୟାଳୟ ସିଧାସଳଖ କାର୍ଯ୍ୟ କରିବା, ବର୍ଷାଦିନ ପୂର୍ବରୁ ଜଳନିଷ୍କାସନର ବ୍ୟବସ୍ଥା ହେବା, ହୋଲଡିଂ ଓ ଲାଇନ୍ ଟ୍ୟାକ୍ସ ନିଆଯାଉଥିଲେ ମଧ୍ୟ ଲୋକଙ୍କୁ ସେବା ନ ଯୋଗାଇବା, ବୁଲା ଗାଇଗୋରୁ, କୁକୁରଙ୍କୁ ଖାଦ୍ୟା ଯୋଗାଣରେ ଅନୁକମ୍ପା ପ୍ରଦର୍ଶନ, ନିରପେକ୍ଷଭାବେ ଅମ୍ଫାନ କ୍ଷୟକ୍ଷତି ଆକଳନ କରିବା, ସବୁ ବର୍ଗର ଗରିବ ଲୋକଙ୍କୁ ଋଣ ଛାଡ କରିବା ଦାବିରେ ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ସଫେଇ କାର୍ଯ୍ୟରେ ପ୍ରତିମାସକୁ ୧୭ଟି ୱାର୍ଡପାଇଁ ୮ଲକ୍ଷ ୭୭ହଜାର ଟଙ୍କା ବିନିଯୋଗ ହେବାରେ ବ୍ୟାପକ ଦୁର୍ନିତି ହୋଇଥିବାର ଅଭିଯୋଗ ବିଭିନ୍ନ ମହଲରୁ ହେଉଛି । ଏ ସଂପର୍କରେ ମନୋରଂଜନ ଦାସ, କମଳ ଚକ୍ରବର୍ତ୍ତୀ, ଆଶିଷ ଗିରି, ଅରୁଣ ବେଜ, ବନମାଳି ଧଳ, ସୁକୁମାର ରଣା, ସୁବ୍ରତ ବେରାଙ୍କ ନେତୃତ୍ୱରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ପୌର କାର୍ଯ୍ୟାଳୟର କନିଷ୍ଠ ସହାୟକ ନରେନ୍ଦ୍ର କୁମାର ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

### ୨୪ ଘଂଟାରେ ୩୩୨୪ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୩।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୩୩୨୪ ନମୁନାର ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୬୨୮୯୧ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୨୩୮୮ ଟି ମାମଲା ସାମନାକୁ ଆସିଛି । ଏଥି ମଧ୍ୟରୁ ସାତ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩୨୫ ଜଣ ସୁସ୍ଥ ହୋଇ ସାରିଛନ୍ତି ।

# ଜିଲ୍ଲାର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ

ନୂଆପଡା,୩।୬ (ନି.ପ୍ର): ଚଳିତ ବର୍ଷ ମାର୍ଚ୍ଚ ମାସ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ନୂଆପଡା ସହର ଏବଂ ଗ୍ରାମା ଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ବିଶେଷ କରି ନୂଆପଡା ଓ ଖଡିଆଳ ସହରର ୩/୪ ଗୋଟି ୱାର୍ଡ ସହ ଗ୍ରାମା ଳ ମାନଙ୍କରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ପାଣି ଟିକକ ପାଇଁ ଗରିବ ଲୋକେ ନାହିଁ ନଥିବା ସମସ୍ୟା ଭୋଗ କରୁଥିବା ବେଳେ ଧନି ଶ୍ରେଣୀର ଲୋକେ ସମସ୍ୟାରୁ ଉର୍ଧରେ ରହିଛନ୍ତି । ସହରା ଳ ଏବଂ ଗ୍ରାମା ଳର ଧନି ଶ୍ରେଣୀର ଲୋକେ ବୋରୱେଲ୍ ମାଧ୍ୟମରେ ମୋଟର ସଂଯୋଗ କରି ବିନା ପରିଶ୍ରମରେ ପ୍ରଚୁର ପାଣି ପାଉଥିବା ବେଳେ ଗରିବ ଶ୍ରେଣୀର ଲୋକେ ୧/୨ କିଲୋମିଟର ଯାଇ କିମ୍ବା ନଇ, ନାଳ, କୂଅ, ନଳକୂଅର ପାଣି ସଂଗ୍ରହ କରି ଘରକୁ ଫେରୁଥିବା ଦେଖିବାକୁ ମିଳୁଛି । ଏହ ପାନୀୟ ଜଳ ସମସ୍ୟା ଅନ୍ୟ ବର୍ଷର ଗ୍ରୀଷ୍ମ ଋତୁ ପରି ଚଳିତ ବର୍ଷର ଗ୍ରୀଷ୍ମ ଋତୁରେ ମଧ୍ୟ ଦେଖା ଦେଇଥିବା ବେଳେ ପ୍ରଶାସନିକ କ୍ଷେତ୍ରରେ କୌଣସି ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି । ଖଡିଆଳ ବ୍ଲକର ଭୁଲିଆଶିକୁଆଁ ପଂଚାୟତର ବାରେସବାହେଲି ଗ୍ରାମଠାରେ ଦିର୍ଘ ୧ ମାସ ହେବ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା ବେଳେ ଲୋକେ ୧ କିଲୋମିଟର ଦୂରରେ ଥିବା ନଦୀର ବାଲିରୁ କୂଅ ଖୋଳି ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ଗ୍ରାମର ପୁରୁଷ ଲୋକେ ବିଭିନ୍ନ ଜାର, ବାଲଟି ମାନଙ୍କରେ ପାଣି ସଂଗ୍ରହ କରି ଘରକୁ ନେଉଥିବା ଦେଖିବାକୁ ମିଳୁଛି । ଏହି ଗ୍ରାମ ସହ ବ୍ଲକର ଶତାଧିକ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ସେହିପରି ବୋଡେନ ବ୍ଲକର ଲର୍କା ପ ।ୟତର ପଲେନବସା ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ୫ ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଥିବା ବେଳେ ନଳକୂପରେ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ । ଯାହା ଫଳରେ ଗ୍ରାମର ମହିଳା ମାନେ ଲାଇନ ଲଗାଇ ଦୀର୍ଘ ସମୟ ଅଟକି ରହି ପାନୀୟ ଜଳ ସଂଗ୍ରହ କରୁଥିବା ଅଭିଯୋଗ କରିଛନ୍ତି । ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବିଡିଓ ଓ ସ୍ଥାନୀୟ ସରପ ଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳି ପାରୁନଥିବା ନେଇ ୱାର୍ଡସଭ୍ୟ ରାମନାଥ ମାଝୀ, ପଙ୍କଜିନୀ ହରିଜନ, ହିତେଶ ପୁରୋହିତ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ଜୁନ୍ ମାସରେ ଗଞ୍ଜାମ ଜିଲ୍ଲାରେ କରୋନା ସ୍ଥିତି ଉଦବେଗଜନକ ରହିବ - ଜିଲ୍ଲାପାଳ

ଗଂଜାମ,୩।୬ (ନି.ପ୍ର): ପ୍ରବାସୀ ଶ୍ରମିକ ଜିଲ୍ଲାକୁ ବହୁ ସଂଖ୍ୟାରେ ଘର ବାହୁଡ଼ା ହେଉଛନ୍ତି । ସେମାନଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ସେହି ଅନୁସାରେ ଆରୋଗ୍ୟ ଲାଭ ମଧ କରୁଛନ୍ତି । ଏହା ସତ୍ୱେ ଗଞ୍ଜାମ ଜିଲ୍ଲାରେ ଜୁନ୍ ମାସରେ ସ୍ଥିତି ଉଦବେଗଜନକ ରହିବ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶନାମା ଜାରୀ ହୋଇଛି । ଏହାକୁ ଆମେ ସମସ୍ତେ ମାନିବାକୁ ପଡିବ ବୋଲି ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଆଜି ଅନୁଷ୍ଠିତ ଏକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ବର୍ତମାନ ଏ ଦିଗରେ ବ୍ୟାପକ ସଚେତନତା ଓ ସତର୍କତା ଲୋକ ମାନଙ୍କ ମଧରେ ପହଂଚାଇବାକୁ 'ଆମ ସ୍ୱାସ୍ଥ୍ୟ ଆମ ଦାୟୀତ୍ୱ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲା ସ୍ତରରେ ଏଥିପାଇଁ ତାଲିମ୍ ଦିଆ ସରିଛି । ଆସନ୍ତାକାଲି ଠାରୁ ପଚାଂୟତ ସ୍ତରରେ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ୪୦ ହଜାର ବ୍ୟକ୍ତିଙ୍କୁ ଏହି ତାଲିମ୍ ଦିଆଯିବ । ତିନି ହଜାର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ ଲକ୍ଷ ୩୦ ହଜାର ଲୋକ ରହିବା ପାଇଁ ବ୍ୟବସ୍ଥା ରହିଛି । ପ୍ରାୟ ୭୦ ହଜାର ଲୋକ ହୋମ୍ କ୍ୱାରେଂଟାଇନରେ ରହିଛନ୍ତି । ଯଦି ସେମାନେ ବାହାରକୁ ଆସି ଆଇନର ଉଲ୍ଲଙ୍ଘନ କରନ୍ତି । ତେବେ ସେମାନଙ୍କୁ ଅନୁଷ୍ଠାନ ସଙ୍ଗରୋଧରେ ରଖାଯିବ । କିଛି କର୍ମଚାରୀ କରୋନାରେ ଆକ୍ରାନ୍ତ ଅଛନ୍ତି । ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପରିବାର ଉପରେ ଦୃଷ୍ଟି ରଖାଯିବା ସହ ବୁଝାସୁଝା କରାଯାଉଛି ।

ଆହୁରି ମଧ ଜିଲ୍ଲାପାଳ କହିଛନ୍ତି ଯେ, ଶନିବାର ଓ ରବିବାର ସପ୍ତାହରେ ଦୁଇ ଦିନ ଜିଲ୍ଲାକୁ ସମ୍ପୂର୍ଣ୍ଣ ସଟ୍‌ଡାଉନ୍ କରାଯିବ । ଏହା ପୂର୍ବରୁ ଗ୍ରୋସରୀ ଏବଂ ପରିବାପତ୍ର ଆଣି ଘରେ ରଖିବା ପାଇଁ ଜନସାଧାରଣଙ୍କୁ କୁହାଯାଉଛି । ପ୍ରବାସରୁ ଆସୁଥିବା ଗର୍ଭବତୀଙ୍କୁ ଗାଁରେ ପୁରାଇ ଦେଉନାହାଁନ୍ତି । ସେମାନଙ୍କୁ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । କରୋନା ସଂକ୍ରାନ୍ତୀୟ ସୂଚନା ରାଜ୍ୟ ସ୍ତରରେ ଦିଆଯାଉଛି । ଏଣୁ ଏହାର ଆବଶ୍ୟକତା ନାହିଁ । କରୋନା ସଂକ୍ରାନ୍ତୀୟ ସୂଚନା ପ୍ରଶାସନ ପକ୍ଷରୁ ଯାହା ଦିଆଯାଉଛି ତାହା ହିଁ ସଠିକ୍ ସୂଚନା । ଗୁଜବ ପ୍ରତି ଜନସାଧାରଣ ଧ୍ୟାନ ନଦେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ବର୍ତମାନ ସନ୍ଧ୍ୟା ୭ଟାରୁ ସକାଳ ୭ ଟା ପର୍ଯ୍ୟନ୍ତ ଲାଗୁ କରାଯାଇଥିବା କର୍ଫ୍ୟୁକୁ ସମସ୍ତେ ମାନିବା ଦରକାର । ସାମାଜିକ ଦୂରତା, ସର୍ବସାଧାରଣ ସ୍ଥାନରେ ଛେପ ନପକାଇବା ଏବଂ ମୁହଁରେ ମାସ୍କ ପିନ୍ଧିବାକୁ କଡ଼ାକଡ଼ି ହୋଇଛି । ବର୍ତମାନ ସୁଦ୍ଧା ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ।

# ଓପିଜିସି ଓ ଇବ୍ ଥର୍ମାଲ୍ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର,୩।୬ (ନି.ପ୍ର): ଓଡିଶାର କଣିହାଁ ଠାରେ ଅବସ୍ଥିତ ଓଡିଶା ପାୱାର ଜେନେରେସନ୍ ଏବଂ ଇବ୍ ଥର୍ମାଲ ପାୱାର ଷ୍ଟେସନ୍ ର ଅଧିକାରୀ ଏବଂ କର୍ମଚାରୀମାନେ ନିଜ ଦରମାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି।

ଓପିଜିସି ଅଧିକାରୀ ସଂଘର ଉପଦେଷ୍ଟା ତଥା ଖଣ୍ଡପଡାର ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକ ଏବଂ ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗରର ବିଧାୟକ ଓ ଓପିଜିସି କର୍ମଚାରୀ ଉନିୟନ୍ ର ସଭାପତି କିଶୋର କୁମାର ମହାନ୍ତି ବୁଧବାର ଦିନ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ । ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଓପିଜିସି ଓ ଇବ୍ ଥର୍ମାଲ୍ ପାୱାର ଷ୍ଟେସନ୍ ର ଅଧିକାରୀ ଓ କର୍ମଚାରୀମାନଙ୍କ କୋଭିଡ୍ ଲଢେଇରେ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ ।

## ପ୍ରଦେଶ କଂଗ୍ରେସ କମିଟିର ପ୍ରଶିକ୍ଷଣ ଶିବିର: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିର ଖୁଲାସା କରାଯିବ

ଭୁବନେଶ୍ୱର,୩।୬ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଶିକ୍ଷଣ ଇନ୍‌ଚାର୍ଜ ଶୁଭେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କରୋନା ମୁକାବିଲା ଏବଂ ନିୟନ୍ତ୍ରଣରେ ସଂପୂର୍ଣ୍ଣରୂପେ ବିଫଳ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ହେଉଥିବା ନୀତି ନିଷ୍ପତିରେ ତାଳ ମେଳ ରହୁନାହିଁ। ଏଭଳି ବିପତି ସମୟରେ କେବଳ ସାଧାରଣ ଜନତାଙ୍କୁ ଭୂଆଁ ବୁଲାଯାଉଛି। ପରିସ୍ଥିତିର ମୁକାବିଲା ପାଇଁ ମୋଦିଙ୍କର ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଏକ ପ୍ରହେଳିକା। ଏହା ମାଧ୍ୟମରେ ସାଧାରଣ ଜନତା ପରିସ୍ଥିତିକୁ ମୁକାବିଲା କରିବାରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିର ଖୁଲାସା କରାଯିବ। କଂଗ୍ରେସ ସାଧାରଣ ଜନତାଙ୍କ ପାଖରେ ରହି ଲଢ଼େଇ ଜାରି ରଖିଛି ଏବଂ ରଖିବ ବୋଲି ସେ କହିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ଟ୍ରେନିଂ ଇନ୍‌ଚାର୍ଜ ଶ୍ରୀ ସଚିନ୍ ରାଓ ଅନଲାଇନ୍ ଭିଡ଼ିଓ କନଫ୍ରେନ୍ସ ମାଧ୍ୟମରେ ତାଙ୍କ ଅଭିଭାଷଣରେ ପ୍ରମାଣିତ କରିଥିଲେ ଯେ ଦେଶରେ ବ୍ୟାପିଥିବା କରୋନା ଏକ ମୋଦି ନିର୍ମିତ ବିପତି। ସେ ମୋଦି ସରକାରଙ୍କର ବିଫଳତାର ଚିତ୍ର ପ୍ରଦାନ କରିବା ସହ ପ୍ରବାସୀ ଶ୍ରମିକଙ୍କର ଦୟନୀୟ ଅବସ୍ଥାର କରୁଣ ଚିତ୍ର ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ ସାମ୍ବାଦିକ ଶ୍ରୀ ରବିଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ସାମ୍ବାଦିକ ଶ୍ରୀ ରାଜେଶ ମହାପାତ୍ର, ରାଜୀବଗାନ୍ଧୀ ପଂଚାୟତିରାଜ ସଂଗଠନର ଅଧକ୍ଷ ଶ୍ରୀ ସୁଦର୍ଶନ ଦାସ ଏବଂ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜ୍ଞାନଦେବ ବେଉରା, ସୋସିଆଲ ମିଡ଼ିଆ ଅଧକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ପ୍ରମୁଖ ସାମିଲ ଥିଲେ।

## ସ୍କୁଲ ପିଲାଙ୍କୁ ଦିଆଯିବ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ

ଭୁବନେଶ୍ୱର,୩।୬ (ନି.ପ୍ର): ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଖର୍ଚ୍ଚ ସ୍କୁଲ ପିଲାଙ୍କୁ ଦିଆଯିବ। ଏହି କାର୍ଯ୍ୟକ୍ରମରେ ନୋଡ଼ାଲ ଅଫିସର ସମସ୍ତ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ମାର୍ଚ୍ଚ ୧୬ ତାରିଖରୁ ଜୁନ୍ ୧୩ ତାରିଖ ପର୍ଯ୍ୟନ୍ତ ରୋଷେଇ ଖର୍ଚ୍ଚ ପିଲାମାନଙ୍କୁ ନତୁବା ସେମାନଙ୍କର ଅଭିଭାବକ ମାନଙ୍କୁ ବ୍ୟାଙ୍କ ଆକାଉଂଟରେ ଟଙ୍କା ଜମା କରାଯିବ। ପ୍ରାଥମିକ ପିଲାମାନଙ୍କ ପାଇଁ ୪୭୯ ଟଙ୍କା ଏବଂ ଅପର ପ୍ରାଇମେରୀ ପିଲାମାନଙ୍କ ପାଇଁ ୭୧୭ ଟଙ୍କା ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ପ୍ରତିରକ୍ଷା ବିଭାଗର ଶ୍ରମିକ ଶୋଷଣ ନୀତିକୁ ବିରୋଧ

## 'ଡିଫେନ୍ସ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ'ର ବିକ୍ଷୋଭ




ବାଲେଶ୍ୱର,୩।୬ (ନି.ପ୍ର): ବିଭିନ୍ନ ଦାବି ନେଇ ଡିଫେନ୍ସ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ଆଜି ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ବିଭାଗ ମୁଖ୍ୟ ଫାଟକ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ପ୍ରତିରକ୍ଷା ବିଭାଗର ଏମଇଏସ, ଆଇଟିଆର, ପିଏକ୍ସଇ, ଇଏମୟୁ, ପିଏମୟୁଇଏମ ପ୍ରଭୃତିରେ କାର୍ଯ୍ୟରତ ଠିକା, ଆଉଟ ସୋର୍ସିଂ ଓ କାଜୁଆଲ ଶ୍ରମିକମାନଙ୍କ ପ୍ରତି ଠିକାଦାରମାନଙ୍କ ଦ୍ୱାରା ହେଉଥିବା ଶୋଷଣ ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏଆଇଟିୟସି ଅନୁବନ୍ଧିତ ଡିଫେନ୍ସ କଣ୍ଟ୍ରାକ୍ଟର୍ସ ୱାର୍କର୍ସ ୟୁନିୟନର ସଭାପତି ଜୟନ୍ତ ଦାସ, ଉପ-ସଭାପତି ଅରୁଣ ମଣ୍ଡଳ, ସାଧଶରଣ ସମ୍ପାଦକ ନାରାୟଣ ପାଣିଗ୍ରାହୀ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ ଓ ଇଶାକ୍ ଅଲ୍ଲି ସାହା ପ୍ରମୁଖ ଏଥିରେ ଯୋଗଦେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଠିକା ଶ୍ରମିକଙ୍କ ଉପରେ ଚାଲିଥିବା ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିଶେଷ କରି ବିଗତ ୪/୫ ବର୍ଷଧରି ପ୍ରତିରକ୍ଷା ମନ୍ତ୍ରଣାଳୟ କ୍ରମାଗତ ଭାବେ ଟେଣ୍ଡର ପ୍ରକ୍ରିୟା ପରିବର୍ତ୍ତନ ସମୟରେ କାର୍ଯ୍ୟଭାର ବୃଦ୍ଧି କରିବା ସହ ଶ୍ରମିକଙ୍କ ସଂଖ୍ୟା ହ୍ରାସ କରାଯାଉଥିବା ସେମାନେ ଆରୋପ ଉଠାଇଥିଲେ। ଟେଣ୍ଡର ପ୍ରକ୍ରିୟା ପରିବର୍ତ୍ତନ ବେଳେ ୩ ମାସ ପର୍ଯ୍ୟନ୍ତ ଶ୍ରମିକଙ୍କ ଦରମା ପ୍ରଦାନରେ ସମସ୍ୟା, ଇପିଏଫ ଓ ଇଏସଆଇ ଦେୟ ଠିକ୍ ସମୟରେ ପଇଠ କରା ନଯିବା, ଆଇନ୍ ମୁତାବକ ଓଭର ଟାଇମ ମଜୁରି ନମିଳିବା, ଠିକାଦାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟ ମଧ୍ୟରେ ଦରମା ନମିଳିବା ପ୍ରଭୃତି ସମ୍ପର୍କରେ ପ୍ରତିରକ୍ଷା ବିଭାଗ ଉଚିତ ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସେମାନେ କହିଥିଲେ। ଲକ୍ ଡାଉନ୍ ସମୟରେ ଶ୍ରମିକମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରାଳୟର ଉଚ୍ଚ ପଦାଧିକାରୀମାନେ ଏଥିରେ ହସ୍ତକ୍ଷେପ କରି ଶ୍ରମିକମାନଙ୍କ ସମସ୍ୟା ସାମାଧାନ ପାଇଁ ସେମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଚରଣ ଦାସ, ନରେନ୍ଦ୍ର ବେହେରା, ଅରୁଣ ଦାସ, ଅଳକେନ୍ଦୁ ଦାସ, ସୂର୍ଯ୍ୟକାନ୍ତ ନାୟକ, ବିଶ୍ୱଜିତ୍ ମଣ୍ଡଳ, ନବ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ରହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ଦମନର ପ୍ରତିବାଦ

ଭୁବନେଶ୍ୱର,୩।୬ (ନି.ପ୍ର): ଦିଲ୍ଲୀ ପୋଲିସ ଜରିଆରେ ନାଗରିକତା ସଂଶୋଧନ ଆଇନ ବିରୋଧରେ ହୋଇଥିବା ଗଣତାନ୍ତ୍ରିକ ଆନ୍ଦୋଳନର ଛାତ୍ର ନେତା ଓ ନେତ୍ରୀମାନଙ୍କ ସମେତ ଗର୍ଭବତୀ ନାରୀନେତ୍ରୀ ସଫୁରା ଜର୍ଗାର, ଛାତ୍ର ନେତ୍ରୀ ମୀରାନ ହାଇଦର ପ୍ରମୁଖ ୩୦ ଜଣଙ୍କୁ ଜେଲରେ ରଖାଯାଇଛି। ଏହାର ପ୍ରତିବାଦରେ ଆମେ ଭାରତବାସୀ ପକ୍ଷରୁ ଭୁବନେଶ୍ୱର ଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। 'ଆମେ ଭାରତବାସୀ' ତରଫରୁ ଆୟୋଜିତ ପ୍ରତିବାଦରେ ପ୍ରଫୁଲ୍ଲ ସାମନ୍ତରା, ସୁରେଶ ପ୍ରାଣିଗ୍ରାହୀ, ରବି ଦାସ, ବିଶ୍ୱପ୍ରିୟ କାନୁନଗୋ, ରାମକୃଷ୍ଣ ପଣ୍ଡା ପ୍ରମୁଖ କହିଛନ୍ତି ଯେ ଦିଲ୍ଲୀରେ ମୁସଲମାନଙ୍କ ଉପରେ ବିଜେପି ନେତା କପିଳ ମିଶ୍ର ଓ ଅନୁରାଗ ଠାକୁର ହିଂସାତ୍ମକ ଆକ୍ରମଣ ଦଙ୍ଗା ପାଇଁ ଦାୟୀ ଥିବାବେଳେ ହିଂସାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇ ଆଠ ଶହ ମୁସଲମାନଙ୍କୁ ଗିରଫ କରାଯାଇଛି। ଏହା ଅଗଣତାନ୍ତ୍ରିକ ଓ ଅମାନୁଷିକ। ଭୀମ କୋରେଗାଁ ମାମଲାରେ ଦଳିତମାନଙ୍କ ଉପରେ ଆକ୍ରମଣକାରୀଙ୍କୁ ଖଲାସ କରାଯାଇଥିବା ବେଳେ ଦଳିତମାନଙ୍କ ଅଧିକାର ପାଇଁ ଲଢୁଆ ମାନବିକ ଅଧିକାର କର୍ମୀ ସୁଧା ଭରଦ୍ୱାଜ, ବର୍ବରା ରାଓ, ଆନନ୍ଦ ତୁମୁଡତୋଡେ ପ୍ରମୁଖ ୧୧ ଜଣଙ୍କୁଜେଲରେ ରଖାଯାଇଛି। ସେହିମାନଙ୍କୁ ଖଲାସ କରିବା ଏକାନ୍ତ ଜରୁରୀବୋଲି ସେମାନେ ଦାବି କରିଛନ୍ତି।

## ରାଜ୍ୟରେ ଆଉ ୧୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩ ଜୁନ (ହି.ସ.) - ରାଜ୍ୟରେ ଆଉ ୧୪୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୩୮୮କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୧୪୩ ଜଣଙ୍କ ମଧ୍ୟରୁ ୧୩୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୧ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି।

## ସହରାଂଚଳ ମହିଳାଙ୍କ ରୋଜଗାର ବଢାଇବାପାଇଁ ଯୋଜନା ପ୍ରସ୍ତୁତ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୩।୬ (ନି.ପ୍ର): ସହରାଂଚଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକୁ ଅଧିକ ସକ୍ରିୟ କରିବା ସହିତ ସେମାନଙ୍କ ରୋଜଗାର ବଢାଇବାପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଲୋକସେବା ଭବନରେ ଗୃହ ଓ ନଗର ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ, ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଆଜି ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ସହରାଂଚଳରେ ଅଧିକରୁ ଅଧିକ ଆତ୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଇ ମହିଳାଙ୍କ ଆୟ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଗୁଡିକ ଯେଭଳି ନୂତନ ଜ୍ଞାନକୌଶଳ ବ୍ୟବହାର କରି ବଜାର ଭିତିକ ସାମଗ୍ରୀ ଉତ୍ପାଦନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ନେଇ ନିର୍ଦ୍ଦିଷ୍ଟ ଭାବେ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱ ଆରୋପ କରିଛନ୍ତି। ଓରମାସ୍ ସହିତ ସମନ୍ୱୟ ରକ୍ଷାକରି ଉତ୍ପାଦିତ ସାମଗ୍ରୀ ଲାଗି ବଜାର ସୃଷ୍ଟି କରିବାକୁ କୁହାଯାଇଛି। ଏଥିପାଇଁ ପୌର ପ୍ରଶାସକ, ସୁଡା ଓ ଓରମାସ ପକ୍ଷରୁ ମିଳିତ ଭାବେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ଲାଗି ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ନୂଆ ନୂଆ ସାମଗ୍ରୀ ଉତ୍ପାଦନ ଲାଗି ମହିଳାମାନଙ୍କୁ ତାଲିମ ପ୍ରଦାନ ଉପରେ ବୈଠକରେ ମତପ୍ରକାଶ ପାଇଛି। କରୋନା ପରିପ୍ରେକ୍ଷୀରେ ମହିଳା ସ୍ୱୟଂ ସହାୟିକ ଗୋଷ୍ଠି ଗୁଡିକ ଯେଭଳି ସ୍ଥାନୀୟ ଆବଶ୍ୟକତା ମେଂଟାଇବା ଲାଗି ସାମଗ୍ରୀ ଉତ୍ପାଦନ କରିବେ ସେଥିପାଇଁ ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବାକୁ ବୈଠକରେ ମତପ୍ରକାଶ ପାଇଛି।

# ଅମ୍ପନରେ ବ୍ୟାପକ ଜଂଗଲ ନଷ୍ଟ : ମାଛ ଶାଗ ଦରରେ କାଠ ବିକୁଛି ଜଂଗଲ ବିଭାଗ





ଜଳେଶ୍ୱର,୩।୬(ନିପ୍ର) : ଗତ ସୁପର ସାଇକ୍ଲୋନରେ ଜଳେଶ୍ୱର ଫରେଷ୍ଟ ରେଞ୍ଜ ଅଧିନରେ ବ୍ୟାପକ ଜଂଗଲ ନଷ୍ଟ ହୋଇଛି। କିନ୍ତୁ ଜଂଗଲ ବିଭାଗ ଜ୍ଞାତ ସାରରେ କେତେକ କାଠ ମାଫିଆ ନେଇଯାଇ ମାଲେମାଲ ହୋଇଥିବା ବେଳେ ଅନ୍ୟ କେତେକକୁ ବିଭାଗ ପକ୍ଷରୁ ବିକ୍ରୀ ହେବ ବୋଲି ବିଭିନ୍ନ ସ୍ଥାନରେ ଜମା କରିଛନ୍ତି। କିନ୍ତୁ ଏହି ବିକ୍ରିମୂଲ୍ୟ ମାଛଶାଗ ଦରରେ ହେଉଥିବାର ଅଭିଯୋଗ ହେଉଛି। ଅମ୍ପନରେ ବାଲେଶ୍ୱର ଜିଲାର ଜଳେଶ୍ୱର ଫରେଷ୍ଟ ରେଞ୍ଜ ଅଧିନରେ ଦକ୍ଷିଣ ପ୍ରହରାଜପୁର, ମହୁଡୁମା, ବରଡିହା ଓ ଗୁଆଗଡିଆ ଅଂଚଳରେ ବ୍ୟାପକ ଗଛ ଭାଂଗିଥିଲା। ଗତ କିଛିଦିନ ତଳେ ଡିପିପୁର ରୁ ଓ ଆଜି ବୁଧବାର କୁସୁମ ସାହିରୁ ଉପୁଡି ପଡିଥିବା ବଡବଡ ଗଛ ଟ୍ରାକ୍ଟରରେ ନିଆଯାଉଥିବା ବେଳେ ଏହାକୁ ନିକଟସ୍ଥ କୁସୁମସାହି ଗାଁର ସୁରେଶ ମହନ୍ତ ଅଟକ ରଖିଥିଲେ। ପରେ ତାହା ବିଟ୍ ହାଉସ୍‌କୁ ଯାଉଥିବାର କହି ବିଭାଗୀୟ କର୍ମଚାରୀ ନେଇଯାଇଥିବା ପ୍ରକାଶ। ସେହିପରି ଏହି ରେଞ୍ଜ ଅଧିନରେ ଥିବା ଉଦୟପୁର, ବିଚିତ୍ରପୁର, କୃଷ୍ଣନଗର ଓ ରଣକୋଠାରେ ହଜାର ହଜାର ଗଛ ଭାଂଗି ପଡିଥିଲା। ଗ୍ରାମ୍ୟ ଜଂଗଲରୁ ଉଦ୍ଧାର ହେଉଥିବା କାଠରୁ ୫୦ଭାଗ ସ୍ଥାନୀୟ ଲୋକଙ୍କୁ ଦିଆଯାଉଥିବା ଆଳରେ କେତେକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ବ୍ୟକ୍ତି ନେଇ ନେଇଯାଉଥିବା ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରାଇଛନ୍ତି। ଏ ସଂପର୍କରେ ଜଳେଶ୍ୱର ରେଂଜର ସରୋଜ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଜଳେଶ୍ୱରର ଦକ୍ଷିଣ ପ୍ରହରାଜପୁର ଜଂଗଲରୁ ୧୫୦ଟି, ମହୁଡୁମାରୁ ୪୦ଟି, ବରଡିହାରୁ ୩୦ଟି ଓ ଗୁଆଗଡିଆରୁ ୯୭ଟି ଗଛ ଭାଂଗିଥିବା ବେଳେ ସେ ଗୁଡିକୁ ୫୦ହଜାର ବିକ୍ରି କରାଯାଇଛି। ସେହିପରି ଉଦୟପୁରରେ ୫୧୦, ବିଚିତ୍ରପୁରରେ ୧୨୯୦, କୃଷ୍ଣନଗରରେ ୧୦୮ ଓ ରଣକୋଠାରେ ୨୮୫ ଗଛ ଭାଂଗିଥିବାରୁ ଏହାକୁ ୩ଲକ୍ଷ୩୫ହଜାର ଟଙ୍କାରେ ବିକ୍ରି କରାଯାଇଛି। କିନ୍ତୁ ବାସ୍ତବରେ ବହୁ ଅଧିକ ଗଛକୁ ବହୁ କମ୍‌ମୂଲ୍ୟରେ ବିକ୍ରି କରାଯାଉଥିବାର ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ କେତେକ ନିତୀନିୟମର ଫାଙ୍କରେ ଏହି ମୂଲ୍ୟବାନ ଗଛଗୁଡିକୁ ଶାଗ-ମାଛ ଦରରେ ବିକ୍ରିହେଉଥିବା ସାଧାରଣରେ ଆଲୋଚନା ହେଉଛି।

## ବିଭିନ୍ନ ଦାବି ନେଇ ବିଏମଏସ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୩।୬ (ନି.ପ୍ର): ସାମ୍ପ୍ରତିକ କରୋନା ଭଳି ସଙ୍ଗୀନ ସ୍ଥିତିରେ ଅବହେଳିତ ଶ୍ରମିକ ସମାଜ ପ୍ରତି ଉଚିତ ସରକାରୀ ସହାୟତା ଦାବିରେ ଭାରତୀୟ ମଜଦୁର ସଂଘ (ବିଏମଏସ)ବାଲେଶ୍ୱର ଶାଖା ପକ୍ଷରୁ ଆଜି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋ ପ୍ରଦର୍ଶିତ ହୋଇଯାଇଛି। ବିଏମଏସ ରାଜ୍ୟ ଉପ-ସଭାପତି ପୃଥିରାଜ ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଶତାଧିକ ଶ୍ରମିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ ଦୂରତା ରକ୍ଷା ସହ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। ବିଶେଷ କରି କରୋନା ଭଳି ସ୍ଥିତିରେ ଅଢ଼େଇମାସରୁ ଅଧିକ କାଳ ଲକ୍ ଡାଉନ୍ ରହିବା ଫଳରେ ଶ୍ରମିକ ସମାଜଙ୍କ ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ କେନ୍ଦ୍ର ସରକାର ଗୋଟିଏ ମାସ କେବଳ ଦେଢ଼ ହଜାର ଟଙ୍କା ଦେବା ସମୁଦ୍ରକୁ ଶଙ୍ଖେ ବୋଲି ଶ୍ରୀ ପଣ୍ଡା ଆରୋପ କରିଥିଲେ। ପ୍ରତ୍ୟେକ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୩ ମାସ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା, ନବୀକରଣ କରିନଥିବା ଶ୍ରମିକଙ୍କୁ ମଧ୍ୟ ଅନୁରୂପ ଭାବେ ସହାୟତା ପ୍ରଦାନ କରିବା, ଆବେଦନ କରିଥିବା ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ପଞ୍ଜୀକରଣ କରିବା, ରାଜ୍ୟ ବାହାରୁ ଜିଲ୍ଲାକୁ ଆସିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଚିହ୍ନଟ ସହ ସମସ୍ତଙ୍କୁ ପଞ୍ଜୀକୃତ କରିବା ଓ ସେମାନଙ୍କ ଥଇଥାନ ପାଇଁ ସହାୟତା ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଜ୍ୟ ଶ୍ରମିକ କଲ୍ୟାଣ ପରିଷଦ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସହକାରୀ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ସଂଜୟ କୁମାର ସାମଲ, ପ୍ରହ୍ଲାଦ ପରିଡ଼ା, ପଦ୍ମଚରଣ ରାୟ, ଶୁକଦେବ ସାହୁ, ହେମନ୍ତ ବାରିକ, ଅଶୋକ ନାୟକ ପ୍ରମୁଖ ଶ୍ରମିକନେତା ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର ,୩।୬ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲ୍ଲାର ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଧାନସଭାର କନ୍‌ଫରେନ୍ସି ପ୍ରକୋଷ୍ଠରେ ଉପସ୍ଥିତ ରହି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର କୋଭିଡ୍-୧୯ର ସଠିକ୍ ପରିଚାଳନା କରିଥିବାରୁ ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ଲକ୍ ଡାଉନ୍ ଓ ସରକାରଙ୍କ ଏ ସଂପର୍କିତ ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ ଉପରେ ଡ. ପାତ୍ର ଗୁରୁତ୍ୱାରୋପ କରିଥିଲେ। ଜୁନ୍ ଓ ଜୁଲାଇ ମାସ କୋଭିଡ୍-୧୯ ସଂକ୍ରମଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥି ପାଇଁ ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ଭାବ୍ୟ ବନ୍ୟା ପାଇଁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେବା ସହିତ ଠିକ୍ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ବେଆଇନ ମଦ ବିକ୍ରି ଉପରେ ଲଗାମ ଦେବାକୁ ମଧ ସେ ଜିଲ୍ଲାପାଳଙ୍କୁ କହିଥିଲେ। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ, ଗଞ୍ଜାମ ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲ୍ଲା। କିନ୍ତୁ ସରକାର ଓ ଜିଲ୍ଲା ପ୍ରଶାସନର ସମୁଚିତ ପଦକ୍ଷେପ ଯୋଗୁଁ ଏହାର ସଫଳ ମୁକାବିଲା ସମ୍ଭବ ହୋଇପାରିଛି। ଡ୍ରେନେଜ୍ ଡିଭିଜନ୍‌ର କାର୍ଯ୍ୟ ଉପରେ ସମୀକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନଙ୍କୁ ଠିକ୍ ସମୟରେ ପ୍ରମାଣିକୃତ ବିହନ ଯୋଗାଣ, ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବାକୁ ସେ ପରାମର୍ଶ ଦେଇଥିଲେ। ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀମାନେ ଶୃଙ୍ଖଳା ପାଳନ କରିବା ଓ ପୋଲିସ୍ ପ୍ରଶାସନ ଏ ଦିଗରେ ଯତ୍ନବାନ ହେବାକୁ ସେ କହିଥିଲେ। କରୋନା ସଂକ୍ରମଣର ସଠିକ୍ ପରିଚାଳନା କରିଥିବାରୁ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ମୌସୁମୀ ପ୍ରଭାବରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ କୋଭିଡ୍-୧୯ର ସଦ୍ୟସ୍ଥିତି ସଂପର୍କରେ ଗଞ୍ଜାମ ଜିଲ୍ଲାପାଳ ତଥ୍ୟ ରଖିଥିଲେ। ଏଥିରେ ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ/ବିଧାୟିକା, ସମସ୍ତ ବିଭାଗୀୟ ଜିଲ୍ଲା ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଅଂଶଗ୍ରହଣ କରିଥିଲେ।

## ୫ ବର୍ଷ ବାଳକକୁ ହତ୍ୟା କରିବା ପରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୩।୬ (ନି.ପ୍ର): ଖଣ୍ଡଗିରିର କୋଳଥିଆ ଅଂଚଳରେ ଜଣେ ମହିଳା ୫ ବର୍ଷ ବାଳକକୁ ତଂଟି ଚିପି ହତ୍ୟା କରିବା ସହ ନିଜେ ଆତ୍ମହତ୍ୟା କରିଥିବା ଉଦ୍ୟମ ଘଟଣା ସମ୍ପୃକ୍ତ ଅଂଚଳରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟାକାରୀ ସମ୍ପୃକ୍ତ ମହିଳାଙ୍କୁ ଏମସରେ ଭର୍ତ୍ତି କରାଯାଇଛି। ହତ୍ୟା କରିବା ଏବଂ ଆତ୍ମହତ୍ୟା କାରଣ ଏଯାଏ ସ୍ପଷ୍ଟ ହୋଇ ନାହିଁ। ସେ ନିଜ ଲୁଗାରେ ଫାଶ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## କଂଗ୍ରେସରେ ଯୋଗଦେଲ ପୂର୍ବତନ ବିଧାୟକ ବିପନ ଦାଶ

ଭୁବନେଶ୍ୱର,୩।୬ (ନି.ପ୍ର): ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ ବିପିନ୍ ଦାଶ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଲେ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପୂର୍ବତନ ବିଧାୟକ ଶ୍ରୀ ଦାଶଙ୍କର ଯୋଗଦେବାକୁ ଆନୁଷ୍ଠାନିକ ଭାବରେ ଘୋଷଣା କଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଶ୍ରୀ ଦାଶଙ୍କ ଘରବାହୁଡ଼ା ହୋଇଛି। ଶ୍ରୀ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ କଂଗ୍ରେସ ଦଳରେ ଗ୍ରହଣ କରାଯାଇଥିଲା। ତାଙ୍କର ଯୋଗଦାନ ଆମକୁ ଉତ୍ସାହିତ କରିବା ସହ ଦଳକୁ ମଜବୁତ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ, ଓଡ଼ିଶା କଂଗ୍ରେସ ଟ୍ରେନିଂଇନ୍‌ଚାର୍ଜ ଶ୍ରୀ ଶୁଭେନ୍ଦୁ ମହାନ୍ତି, କଂଗ୍ରେସ ନେତା ଜ୍ଞାନଦେବ ବେଉରା, ସୋସିଆଲ ମିଡ଼ିଆ ଅଧକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

# ଶ୍ରମ ଆଇନ ସଂଶୋଧନ ବନ୍ଦ କର

ଭୁବନେଶ୍ୱର,୩।୬ (ନି.ପ୍ର): ୨ ଜୁନ୍ ୨୦୨୦ ରିଖ ଭୁବନେଶ୍ୱର କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଂଚ ଆଇ.ଏନ.ଟି.ୟୁ.ସି, ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ, ଏ.ଆଇ.ସି.ସି.ଟି.ୟୁ,ଏଚ.ଏମ.ଏସ ତରଫରୁ ଆୟେଜିତ ଏକ ବୈଠକରେ ରାଜ୍ୟ ସରକାରଙ୍କ ଶ୍ରମ ଆଇନର ସଂଶୋଧନ ପ୍ରସ୍ତାବକୁ ଦୃଢ଼ ବିରୋଧ କରାଯାଇଛି। ରାଜ୍ୟ ସରକାରପ୍ରଚଳିତ ପରମ୍ପରାକୁ ଭଙ୍ଗ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସହିତ ଆଲୋଚନା ନ କରି ଏକ ତରଫା ଭାବେ କର୍ପୋରେଟ୍ ସ୍ୱାର୍ଥରେ ଶିଳ୍ପ ବିବାଦ ଆଇନକୁ ପରିବର୍ତନ କରି ୩୦୦ ଶ୍ରମିକ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କାରଖାନାରେ ତାଲା ବନ୍ଦ ଓ ଶ୍ରମିକ ଛଟେଇ କରିବା ପାଇଁ ମାଲିକ ମାନଙ୍କୁ କ୍ଷମତା ପ୍ରଦାନ କରିବା, କାରଖାନା ଆଇନ୍ ୧୯୪୮କୁ ପରିବର୍ତନ କରି ଦୈନିକ କାର୍ଯ୍ୟ ସମୟ ୮ ଘଂଟାରୁ ୧୨ ଘଂଟାକୁ ବୃଦ୍ଧି କରିବା, ଅର୍ଜିତ ଛୁଟିକୁ ୨୪୦ ଦିନରୁ ୧୮୦ ଦିନକୁ କମାଇବା ଆଦି ନିଷ୍ପତିକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ କୋଭି-୧୯ ସଂକ୍ରମଣ ପରିସ୍ଥିତିରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦେଶର ସମସ୍ତ ପ୍ରବାସୀ ଶ୍ରମିକ ମାନଙ୍କୁ ନିରାପଦରେ ନିଜ ଭିଟାମାଟିକୁ ଫେରାଇ ଆଣିବା, ସମସ୍ତ ଶ୍ରମିକଙ୍କୁ ୬ ମାସ ଲାଗି ମାସିକ ଜଣପିଛା ୧୦ କେ.ଜି ଚାଉଳ/ଗହମ, ୩ ମାସ ଲାଗି ପ୍ରତ୍ୟେକ ବ୍ୟକତିର ତାଙ୍କ ନିଜର ବ୍ୟାଙ୍କ ଖାତାରେ ୧୦,୦୦୦ ଟଙ୍କା ଯୋଗାଇଦେବା, ମୃତ୍ୟୁବରଣ କରିଥିବା ପ୍ରବାସୀ ଶ୍ରମିକ ମାନଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ଦେଇ ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଓ ସଂଖ୍ୟା ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରିବା ଲାଗି ମଧ ଦାବି କରାଯାଇଅଛି। ଓଡ଼ିଶାର ଶ୍ରମିକ ସଂଗଠନ ଏବଂ ଉପଭୋକ୍ତା ମାନଙ୍କ ବିରୋଧ ସତ୍ତ୍ୱେ ସେସୁର ଘରୋଇକରଣ କରି ତାକୁ ଟାଟା ପାଓ୍ୱାରକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତିକୁ ତୀବ୍ର ବିରୋଧ କରିବା ସହିତ ସରକାର ଏହାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଦାବି କରାଯାଇଛି। ଏହି ବୈଠକରେ ଆଇ.ଏନ.ଟି.ୟୁ.ସି ପକ୍ଷରୁ ରାମଚନ୍ଦ୍ର ଖୁଂଟିଆ, କିଶୋର ଜେନା, ଏ.ଆଇ.ଟି.ୟୁ.ସି ପକ୍ଷରୁ ରାମକୃଷ୍ଣ ପଣ୍ଡା, ସି.ଆଇ.ଟି.ୟୁ.ସି ପକ୍ଷରୁ ଦୁଷ୍ମନ୍ତ ଦାସ, ଏଚ,ଏମ.ଏସ. ପକ୍ଷରୁ ଯୋଗୀନାଥ ଜେନା, ଏ.ଆଇ.ସି.ସି.ଟି.ୟୁ ପକ୍ଷରୁ ମହେନ୍ଦ୍ର ପରିଡ଼ା ଓ ରାଧାକାନ୍ତ ସେଠୀ, ଏ.ଆଇ.ୟୁ.ଟି.ସି ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo